## ସଂକ୍ଷେପରେ

### ମହିଳାଙ୍କୁ ପ୍ରତାରଣା, ଯୁବକ ଗିରଫ

ବ୍ରହ୍ମପୁର ଅଫିସ,୧୮।୯: ଜଣେ ଦଳିତ ମହିଳାଙ୍କୁ ପ୍ରତାରଣା କରିବା ସହ ତାଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରିଥିବା ଅଭିଯୋଗରେ ଟାଉନ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଗୋଳନ୍ଥରା ଥାନା ଅନ୍ତର୍ଗତ ଜୁଗୁଡି ସୁଜିତ କୁମାର ସାହୁ। ତାଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି । ସୁଜିତ ବ୍ରହ୍ମପୁରରେ ଏକ ହୋଟେଲ କରିଥିବା ବେଳେ ସମ୍ପୃକ୍ତ ମହିଳାଙ୍କ ସହ ସମ୍ପର୍କ ରଖିଥିଲେ। ତାଙ୍କ ସହ ଶାରିରୀକ ସମ୍ପର୍କ ମଧ ରଖିଥିଲେ। ପରେ ତାଙ୍କ ଅଶ୍ଳୀଳ ଫଟୋ ଉଠାଇ ବିଭିନ୍ନ ସ୍ଥାନକୁ ନେଇ ରଖିଥିଲେ। ଶେଷରେ ତାଙ୍କୁ ଜାତିଆଣ ମନ୍ତବ୍ୟ ଦେବା ସହ ପ୍ରତାରଣା କରିଥିଲେ। ପୀଡ଼ିତା ଜଣଙ୍କ ଟାଉନ ଥାନାରେ ଏନେଇ ଅଭିଯୋଗ କରିଥିଲେ। ପୋଲିସ ବୁଧବାର ଉଭୟ ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରିଛି। କୋର୍ଟରେ ପୀଡିତାଙ୍କ ବୟାନ ରେକର୍ଡ କରାଯାଇଛି।

### ଦର୍ଶନଶାସ୍ତ୍ର ବିଭାଗର ସ୍ୱାଗତ ଉତ୍ସବ

ବ୍ରହ୍ମପୁର ଅଫିସ୍,୧୮।୯: ଖଲ୍ଲିକୋଟ ସ୍ୱୟଂଶାସିତ କଲେଜ ଦର୍ଶନଶାସ୍ତ୍ର ବିଭାଗର ସ୍ୱାଗତ ଉତ୍ସବ ସାମାଜିକ ବିଜ୍ଞାନ କୋଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଦ୍ୱିତୀୟ ଓ ତୃତୀୟ ବର୍ଷ ଛାତ୍ରୀଛାତ୍ର ନବାଗତଙ୍କୁ ସ୍ୱାଗତ କରିଥିଲେ । ବିଭାଗୀୟ ମୁଖ୍ୟ ଡ. ଯତୀନ ବିଷୋୟୀ ଏଥିରେ ଅଧ୍ୟକ୍ଷତା କରିଥିଲେ । ଅଧକ୍ଷା ପ୍ରଫେସର ଉମା ଜେନା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ନିଜ ଭିତରେ ମିଳିମିଶି ଚଳିବାକୁ ନବାଗତ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦିଆଯାଇଥିଲା। ଶୃଙ୍ଖଳାର ସହ କ୍ଲାସରେ ଯୋଗଦେବାକୁ ବିଭାଗୀୟ ମୁଖ୍ୟ ଡ. ବିଷୋୟୀ ପରାମର୍ଶ ଦେଇଥିଲେ । ଅଧାପିକା ଡ. ଅନୀତା ଦଳାଇ, ସତ୍ୟନାରାୟଣ ମିଶ୍ର, ଅଚ୍ୟୁତ ଭୂୟାଁ, ପ୍ରଦୀପ ପରିଡା ମଞ୍ଚାସୀନ ଥିଲେ । ଦ୍ୱିତୀୟବର୍ଷ ଛାତ୍ର ସତ୍ୟଜିତ ସାହୁ ଓ ଛାତ୍ରୀ ଅର୍ପିତା ପ୍ରହରାଜ ମଞ୍ଚ ପରିଚାଳନା କରିଥିବା ବେଳେ ବିଭାଗର କର୍ମଚାରୀ ରବିନାରାୟଣ ମହାନ୍ତି, ଶୀତଲ ଜେନା, ପ୍ରତାପ ପାଣିଗ୍ରାହୀ ଉପସ୍ଥିତ ଥିଲେ । ଛାତ୍ର ଈଶ୍ୱର ନାୟକ, ଆର. ନାୟକ, ଅକ୍ଷୟ ଭୂୟାଁ, ଛାତ୍ରୀ ଲିସା ପଣ୍ଡା ପରିଚାଳନାରେ ସହଯୋଗ କରିଥିଲେ ।

### ଓଡ଼ିଆ ବିଭାଗ ପାଠଚକ୍ର

ବ୍ରହ୍ମପୁର ଅଫିସ୍,୧୮।୯: ଶଶିଭୂଷଣ ରଥ ସରକାରୀ ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ ଓଡ଼ିଆ ବିଭାଗର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଏବଂ ସାପ୍ତାହିକ ପାଠଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ମୁଖ୍ୟ ଡ. କାହ୍ନୁଚରଣ ପାଢ଼ୀ ଏଥିରେ ଅଧକ୍ଷତା କରିଥିଲେ। ଅଧକ୍ଷା ଡ. ସଂଗୀତା ବାବୁ ଏହାକୁ ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡ. କୈଳାସ ଚନ୍ଦ୍ର ତ୍ରିପାଠୀ ଏବଂ ସମ୍ମାନିତ ଅତିଥି ଭାବେ ମହାମାୟୀ ମହିଳା ମହାବିଦ୍ୟାଳୟର ଅଧକ୍ଷ ଡ. କୃଷ୍ଣ ପ୍ରସାଦ ମହାପାତ୍ର ଯୋଗଦେଇ ଛାତ୍ରୀମାନଙ୍କୁ ଓଡ଼ିଆ ଭାଷା ସାହିତ୍ୟର ମହତ୍ତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। ଉପସ୍ଥାପିତ ପ୍ରବନ୍ଧଗୁଡ଼ିକର ସମୀକ୍ଷା କରିଥିଲେ । ବିଭାଗୀୟ ଅଧାପିକା ସୁରେଖା, ଭାରତୀବାଳା ସାହୁ, ବି.କସ୍ତୁରୀ, ପାଠଚକ୍ର ସମ୍ପାଦିକା ବର୍ଷାରାଣୀ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

## ■ ମୁଖ୍ୟରାସ୍ତାରୁ ହଟୁନାହାନ୍ତି ବୁଲା ଗୋରୁ

# ହୋଇନି ୩ ହଜାର ଗାଇ, ମଇଁଷିଙ୍କ ଟ୍ୟାଗିଂ

ବ୍ରହ୍ମପୁର ଅଫିସ,୧୮।୯

ବ୍ରହ୍ମପୁର ସହରରେ ବୁଲା ଗୋରୁ, ମଇଁଷି ବିଶେଷ ଭାବେ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛନ୍ତି। ସେମାନଙ୍କୁ ରାସ୍ତାରୁ ଉଠାଇବା ଦିଗରେ ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ମୁଖ୍ୟରାସ୍ତାରେ ଅବାଧ ବିଚରଣ କରୁଥିବା ଗାଇ, ମଇଁଷିଙ୍କୁ ସ୍ୱତନ୍ତ୍ର ଗାଡିରେ ଉଠାଯାଇ ସ୍ଥାନୀୟ ଅଞ୍ଚଳର କୃଷକଙ୍କୁ ଦାନ କରାଯାଉଥିବା ବିଏମ୍‌ସି ପକ୍ଷରୁ କୁହାଯାଉଛି। ତଥାପି ସମସ୍ୟା ସୁଧୁରିବା ନାଁ ଧରୁନି। ମୁଖ୍ୟରାସ୍ତା ବୁଲା ଗୋରୁ, ମଇଁଷିଙ୍କ ଗୁହାଳ ପାଲଟିଛି।

ସହରରେ ଗୋରୁଙ୍କ ଅବାଧ ବିଚରଣକୁ ରୋକିବା ପାଇଁ ପ୍ରାଣୀଧନ ଚିକିତ୍ସା ବିଭାଗ ସହଯୋଗରେ ଜୁଲାଇ ଓ ଅଗଷ୍ଟରେ ମାଲିକ ଥିବା ଗାଇ, ମଇଁଷିଙ୍କ ଟ୍ୟାଗିଂ କରାଯାଇଥିଲା। ଗତ ସପ୍ତାହରୁ ବିଏମ୍‌ସି ପକ୍ଷରୁ ମାଲିକ ବିହୀନ ଗାଇ, ମଇଁଷିଙ୍କୁ ରାସ୍ତାରୁଉଠାଇବା ପ୍ରକ୍ରିୟା ଆରମ୍ଭ ହୋଇଛି। ତଥାପି ସହରର ଅନେକ ଅଞ୍ଚଳର ମୁଖ୍ୟରାସ୍ତା ବୁଲା ଗୋରୁଙ୍କ କବ୍‌ଜାରେ ରହିଛି । ଏପରିକି ମୁଖ୍ୟରାସ୍ତାରେ ଗୋରୁଙ୍କୁ ବାନ୍ଧି ରଖାଯାଉଥିବା ମଧ ଦେଖିବାକୁ ମିଳୁଛି । ୨୩ ନଂ. ୱାର୍ଡ ଖାଲାସି ସାହି ଅଞ୍ଚଳରେ ଏଭଳି ଦେଖିବାକୁ ମିଳିଛି । ପୁରୁଣା ବସଷ୍ଟାଣ୍ଡଠାରୁ ବ୍ରହ୍ମପୁର ଷ୍ଟାଡିୟମ ରୋଡ, ଖାଲାସି ସାହି ଦେଇ ରୁକ୍ମିଣୀ ହଲ୍ ଛକକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଏବେ ବୁଲାଗୋରୁଙ୍କ ଗୁହାଳ ପାଲଟିଛି । ଯାହାଦ୍ୱାରା ଉକ୍ତ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହେଉଛି। ଏହାବ୍ୟତୀତ ଅନେକ ଅଞ୍ଚଳରେ ବିନା ଟ୍ୟାଗିଂର ଗୋରୁ ମଧ ରାସ୍ତାରେ ବୁଲୁଥିବା ଦେଖିବାକୁ ମିଳୁଛି । ଯାହାକୁ ନେଇ ସହରବାସୀଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି।

ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ (ସିଡିଭିଓ) ଡା. ତ୍ରିନାଥ ନାୟକଙ୍କ ସୂଚନା ପ୍ରକାରେ, ସହର ମଧରେ ରହିଥିବା ୭,୫୦୦ ଗାଇ,



ଖାଲାସି ସାହି ରାସ୍ତାରେ ବୁଲା ଗୋରୁ ।

ମଇଁଷିଙ୍କ ମଧ୍ୟରୁ ମାଲିକ ଥିବା ୪,୫୩୪ ଗାଇ, ମଇଁଷିଙ୍କ ଟ୍ୟାଗିଂ କରାଯାଇଛି । ଆହୁରି ୩ ହଜାର ଗାଇ, ମଇଁଷି ଓ ମାଲିକ ବିହୀନ ବୁଲା ଷଣ୍ଢଙ୍କ ଟ୍ୟାଗିଂ ହୋଇପାରିନି। ସ୍ଥାନୀୟ ଜନସାଧାରଣଙ୍କ ସମର୍ଥନ ନ ମିଳିବାରୁ ୨୪ ନଂ. ୱାର୍ଡର ବିଜିପୁର, କାଲୁଆ ସାହି, କେନାଲ ସାହି, ସୁନାରି ବନ୍ଧ ସାହିର ପ୍ରାୟ ୬୦୦ ଗାଇ, ମଇଁଷିଙ୍କ ଟ୍ୟାଗିଂ ହୋଇପାରିନି। ସେହିପରି ୨୩ ନଂ ୱାର୍ଡର ଖାଲାସି ସାହିରେ ମଧ ଅନେକ ଗାଈ, ମଇଁଷିଙ୍କ ଟ୍ୟାଗିଂ ସମ୍ଭବ ହୋଇପାରି ନାହିଁ। ଅନ୍ୟପକ୍ଷରେ ୨୫, ୯, ୧୮, ୨୦, ୨୭ , ୩୨, ୩୬ ନଂ ୱାର୍ଡର ମଧ ବହୁ ଅଞ୍ଚଳରେ ବି ଏହି କାର୍ଯ୍ୟ ହୋଇନି। ଖୁବଶୀଘ୍ର ଦ୍ୱିତୀୟ ପର୍ଯ୍ୟାୟ ଟ୍ୟାଗିଂ ପ୍ରକ୍ରିୟା ଆରମ୍ଭ ହେବ । ବଳକା ଗାଇ, ମଇଁଷି ଓ ବୁଲା ଷଣ୍ଢଙ୍କୁ ଟ୍ୟାଗିଂ କରାଯିବ ବୋଲି ସିଡିଭିଓ ସୂଚନା ଦେଇଛନ୍ତି । ସେପଟେ ବିଏମସି ପକ୍ଷରୁ ବୁଲା ଗୋରୁଙ୍କୁ ରାସ୍ତାରୁ ଉଠାଇବା ପ୍ରକ୍ରିୟା ଚାଲିଛି । ବର୍ତ୍ତମାନ ନିୟୋଜିତ ଭ୍ୟାନ ଦ୍ୱାରା ଦିନକୁ ଅତିକମରେ ୧୦ରୁ ୧୨ଟି ଗାଈ ଉଠାଇବା ସମ୍ଭବ ହୋଇପାରୁଛି । ଆଗକୁ ସହରର ସମସ୍ତ ଅଞ୍ଚଳରୁ ବୁଲା ଗୋରୁଙ୍କୁ ହଟାଯିବା ସହ ରାସ୍ତାକୁ ଗୁହାଳ ଭାବେ ବ୍ୟବହାର କରୁଥିବା ଲୋକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଏମ୍‌ସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର କହିଛନ୍ତି ।

### ମାସିକ ସାହିତ୍ୟ ଆସର

ବ୍ରହ୍ମପୁର ଅଫିସ,୧୮।୯

ପୁରାତନ ତଥା ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଫଲ୍‌ଗୁ ସାହିତ୍ୟ ସଂସଦର ମାସିକ ସାହିତ୍ୟ ଆସର ସ୍ଥାନୀୟ ଉତ୍କଳ ଆଶ୍ରମ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ଉପସଭାପତି ପ୍ରଫେସର ଡ.ରବିନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ବିଶିଷ୍ଟ କଥାକାର ପ୍ରଫେସର ଡ.ହରିହର ଦାସ ମୁଖ୍ୟ ଅତିଥି ଭାବେ ସଭା ଉଦ୍‌ଘାଟନ କରିଥିଲେ। ସାଧାରଣ ସମ୍ପାଦକ ପ୍ରଫେସର ଡ.ବ୍ରଜମୋହନ ସାସମଲ ସ୍ୱାଗତ ଭାଷଣ ଓ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ସହ ସମ୍ପାଦକ ଡାକ୍ତର ସାଗର ରଞ୍ଜନ ତ୍ରିପାଠୀ ସମୀକ୍ଷା ଉପସ୍ଥାପନ କରିଥିଲେ। ଯୁଗ୍ମ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ସଂଯୋଜନା କରିଥିଲେ। ଡା . ଚନ୍ଦ୍ରମଣି ସ୍ୱାଇଁ, ସ୍ୱର୍ଣ୍ଣପ୍ରଭା ମିଶ୍ର, ଡ.ସୂଚନା ପାଢ଼ୀ, ସ୍ୱର୍ଣ୍ଣପ୍ରଭା ପାଢୀ ପ୍ରମୁଖ ସ୍ୱରଚିତ କବିତା ଗଳ୍ପ ପାଠ କରିଥିବା ବେଳେ ତ୍ରିନାଥ ନାୟକ, ମନ୍ମଥ ପାଢୀ, ବି. ଶ୍ୟାମ ଆଚାରୀ, ଇଂ. ପ୍ରଫୁଲ୍ଲ କୁମାର ତ୍ରିପାଠୀ, କାଳନ୍ଦୀ ନାୟକଙ୍କ ସମେତ ବହୁ ସାହିତ୍ୟିକା ସାହିତ୍ୟିକ ଯୋଗ ଦେଇଥିଲେ । ହାଡିବନ୍ଧୁ ମାଳି ଧନ୍ୟବାଦ ଅର୍ପଣ କରିଥିଲେ ।

# ମୋ’ଗେହ୍ଲାଝିଅ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ ।

ବ୍ରହ୍ମପୁର ଅଫିସ,୧୮।୯

ସୀତାରାମ ସାହି ଅଙ୍ଗନୱାଡି କେନ୍ଦ୍ରରେ ମୋ’ ଗେହ୍ଲାଝିଅ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ । ସ୍ଥାନୀୟ ପୂର୍ବତନ କର୍ପୋରେଟର ରାକେଶ ସାହୁ, ସାମାଜିକ କର୍ମୀ ଭୋଗୀ ପଣ୍ଡା, ଫାର୍ମାସିଷ୍ଟ ସୁଦର୍ଶନ ପଣ୍ଡା, ୟୁପିଏଚ୍‌ସି ଉତ୍ତରାମୁଖୀର ସିଡିପିଓ ବିଜୟଲକ୍ଷ୍ମୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଆସ୍କାରୋଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା। କନ୍ୟାଭ୍ରୂଣ ହତ୍ୟା ରୋକିବା, ବାଲ୍ୟ ବିବାହ ସମ୍ପୂର୍ଣ୍ଣ ବନ୍ଦ, କିଶୋରୀ ବାଳିକାଙ୍କ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ସୁକନ୍ୟା ଆଦି ବିଭିନ୍ନ ଯୋଜନା ସମ୍ପର୍କରେ ଅଞ୍ଚଳବାସୀଙ୍କୁ ସଚେତନ କରାଯାଇଥିଲା । ପରେ ୭ନଂ. ଓ ୮ନଂ. ୱାର୍ଡର କନ୍ୟା ସନ୍ତାନଙ୍କ ମା’ଙ୍କୁ ମାନପତ୍ର, ପୋଷାକ, ଗଛଚାରା ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ମିନତି ରାଣୀ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଗୀତାଞ୍ଜଳି ଗୌଡ, ସବିତା ଜେନା ସହଯୋଗ କରିଥିଲେ ।

# ମା’ଙ୍କ ଚକ୍ଷୁଦାନ କରାଇଲେ ସନ୍ତାନ

ବ୍ରହ୍ମପୁର ଅଫିସ୍,୧୮।୯

ବ୍ରହ୍ମପୁର ବଡ଼ବଜାର ଚନ୍ଦ୍ରମା ସାହି ନିବାସୀ ଭି.ଦମୟନ୍ତୀଙ୍କ ମଙ୍ଗଳବାର ରାତିରେ ମୃତ୍ୟୁ ଘଟିଥିଲା। ମୃତ୍ୟୁ ବେଳକୁ ତାଙ୍କୁ ୯୨ବର୍ଷ ହୋଇଥିଲା। ଏହି ଖବର ଜାଣିବା ପରେ ଫ୍ରେଣ୍ଡସ୍ ହେଲପିଂ କ୍ଲବର ଭି. ରାମାକ୍ରୀଷ୍ଣା ପରିବାର ବର୍ଗଙ୍କ ସହ ଦମୟନ୍ତୀଙ୍କ ଚକ୍ଷୁଦାନ କରିବା ନେଇ ପରାମର୍ଶ ଦେଇଥିଲେ । ସେମାନେ ରାଜି ହେବା ପରେ ଏମ୍‌କେସିଜି ମେଡିକାଲ କଲେଜର ଚକ୍ଷୁ ବିଭାଗ ଡା. ସମୀର ଦାସ, ଡା. ଏ.ସି ରଘୁ ଏବଂ ଡା. ମୋହିତ ଶର୍ମା ପ୍ରମୁଖ ଦମୟନ୍ତୀଙ୍କ ଘରେ ପହଞ୍ଚି ତାଙ୍କ ୨ ଚକ୍ଷୁ ସଂଗ୍ରହ କରିଥିଲେ। ସେ ସମୟରେ ପାଖରେ ଦମୟନ୍ତୀଙ୍କ ୨ ପୁଅ ଭି.ଭି. ସତ୍ୟ ରାଓ, ଭି.ଭେଙ୍କେଟ ରାଓ ଏବଂ ଝିଅ ଇ.ସତ୍ୟାବତୀଙ୍କ ସହ ପରିବାରବର୍ଗ ଉପସ୍ଥିତ ଥିଲେ। ଫ୍ରେଣ୍ଡସ୍ ହେଲପିଂ କ୍ଲବ ପକ୍ଷରୁ କେ.ପି.କେ. ସୁବୁଦ୍ଧି, ଭି.ଭେଙ୍କେଟରାମଣା ରାଜୁ, କେ.ମୋହନ ରାଓ, ଭି.ସୋମେଶ୍ୱର ରାଓ ଏବଂ ଭି.ବଦ୍ରିନାରାୟଣ ପ୍ରମୁଖ ଉପସ୍ଥିତ ଥିଲେ। ବ୍ରହ୍ମପୁର ସହରବାସୀଙ୍କ ମଧ୍ୟରେ ଗତ କିଛି ବର୍ଷ ହେଲା ଚକ୍ଷୁ ଏବଂ ଅଙ୍ଗଦାନ ପ୍ରତି ଆଗ୍ରହ ବଢୁଥିବା ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ଫ୍ରେଣ୍ଡସ୍ ହେଲପିଂ କ୍ଲବ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ୨୦୦୦ ମସିହାରୁ କ୍ଲବ ତରଫରୁ ଏହି ପଦକ୍ଷେପ ନିଆଯାଇଛି । ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ଏଭଳି ୭ ଜଣଙ୍କ ଠାରୁ ମୃତ୍ୟୁ ପରେ ଚକ୍ଷୁ ସଂଗ୍ରହ କରାଗଲାଣି । ସଂଗୃହୀତ ଚକ୍ଷୁକୁ ଦୃଷ୍ଟିହୀନଙ୍କଠାରେ ପ୍ରତିରୋପଣ କରାଯାଉଛି । ଫଳରେ ଦୃଷ୍ଟିହୀନମାନେ ଦୃଷ୍ଟିଶକ୍ତି ଫେରି ପାଉଛନ୍ତି ।



ସ୍ୱର୍ଗତା ଭି.ଦମୟନ୍ତୀ ।(ଫାଇଲ୍ ଫଟୋ)

### ମହିଳାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ବ୍ରହ୍ମପୁର ଅଫିସ,୧୮।୯

ମହିଳାଙ୍କୁ ଧମକ ଦେଇ ବଳାତ୍କାର କରିଥିବା ଅଭିଯୁକ୍ତଙ୍କୁ ବୈଦ୍ୟନାଥପୁର ଥାନା ପୋଲିସ ବୁଧବାର ଗିରଫ କରିଛି। ସେ ହେଲେ ଶରତ ଦାସ। ଏ ନେଇ ନଂ.୧୯୫/୧୯ରେ ମାମଲା ରୁଜୁ କରାଯାଇ ଶରତଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ସାରଦା ପ୍ରସନ୍ନ ଦାସ କହିଛନ୍ତି। ମହିଳା ଜଣଙ୍କ ଏକାକୀ ଥିବା ବେଳେ ଶରତ ତାଙ୍କ ଘରକୁ ଯାଇ ଜୋରଜବରଦସ୍ତ ବଳାତ୍କାର କରିଥିଲେ। ଘଟଣା ସମ୍ପର୍କରେ ସ୍ୱାମୀଙ୍କୁ ଜଣାଇଲେ ଏକମାତ୍ର ପୁଅକୁ ମାରିଦେବେ ବୋଲି ତାଙ୍କୁ ଧମକ ଦେଇଥିଲେ। ଗତ ୧୫ ତାରିଖ ରାତିରେ ଶରତ ପୁଣି ସ୍ୱାମୀଙ୍କ ଅନୁପସ୍ଥିତିରେ ଉକ୍ତ ମହିଳାଙ୍କ ଘରେ ପଶିଥିଲେ। ପୁଅ ଶୋଇଥିଲେ ମଧ ଧମକ ଦେଇ ମହିଳାଙ୍କୁ ବଳାତ୍କାର କରିଥିଲେ। ମହିଳା ଜଣଙ୍କ ଏ ନେଇ ସ୍ୱାମୀଙ୍କୁ ଜଣାଇଥିଲେ। ପରେ ସେମାନେ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଉଭୟ ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରିଛି। କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି।

## ■ ପୃଥକ୍ ସ୍ଥାନରେ ଅଗ୍ନିକାଣ୍ଡ

# ଜଳିଗଲା କେବୁଲ, ହୋଟେଲ ସାମଗ୍ରୀ

ବ୍ରହ୍ମପୁର ଅଫିସ,୧୮।୯

ବ୍ରହ୍ମପୁର ସହରର ପୃଥକ୍ ଦୁଇଟି ସ୍ଥାନରେ ମଙ୍ଗଳବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ଆଶୁତୋଷ ହସ୍ପିଟାଲ ନିକଟରେ ଥିବା ଏକ ବିଦ୍ୟୁତ ଖୁଣ୍ଟ ଦେଇ ଯାଇଥିବା ଏକ ଘରୋଇ ଟିଭି କେବୁଲ ଜଳିଯିବା ସହ ସେଟଅପ ବକ୍ସ ଜଳିଯାଇଥିଲା। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେହିପରି ରାତି ପ୍ରାୟ ସାଢ଼େ ୧୧ଟାରେ ପୁରୁଣା ବସଷ୍ଟାଣ୍ଡ ନିକଟ କେ. କେ. କମ୍ପ୍ଲେକ୍ସ ସମ୍ମୁଖରେ ଥିବା ଏକ ହୋଟେଲରେ ଅଗ୍ନିକାଣ୍ଡ ଘଟିଥିଲା। ହୋଟେଲରୁ ନିଆଁ ବାହାରୁଥିବା ଖବରପାଇ ମାଲିକ ଟିକିନା ସାହୁ ସେଠାରେ ପହଞ୍ଚି ଅଗ୍ନିଶମ ବିଭାଗ ଓ ପୋଲିସକୁ ଖବର କରିଥିଲେ। ୨ଟି ୱାଟର ଟ୍ୟାଙ୍କର ଲଗାଇ ଅଗ୍ନିଶମ କର୍ମଚାରୀ ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ହୋଟେଲରେ ଥିବା ଆସବାବପତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଥିଲା। ଶର୍ଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଫାୟାର ଷ୍ଟେଶନ ଅଫିସର ଦାୟିତ୍ୱରେ ଥିବା ଉଗ୍ରସେନ ସାଇ ସୂଚନା ଦେଇଛନ୍ତି।



ପୋଡି ଯାଇଥିବା ହୋଟେଲ।

# ୬ ଅଭିଯୁକ୍ତଙ୍କୁ ସର୍ତ୍ତମୂଳକ ଜାମିନ

ବ୍ରହ୍ମପୁର ଅଫିସ,୧୮।୯

**ଯୁବକଙ୍କୁ ହତ୍ୟା ଉଦ୍ୟମ ମାମଲା**

ଜଣେ ବ୍ୟକ୍ତିଙ୍କୁ ସଂଘବଦ୍ଧ ମରଣାନ୍ତକ ଆକ୍ରମଣ ଓ ହତ୍ୟା ଉଦ୍ୟମ କରାଯାଇଥିବା ମାମଲାର ଶୁଣାଣି କରି ବୁଧବାର ଅତିରିକ୍ତ ଜିଲା ଦୌରାଜଜ (ଏଡିଜେ-୩) ନିରଞ୍ଜନ କୁମାର ଜେନା ୬ ଅଭିଯୁକ୍ତଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। କୁକୁଡଡାଖଣ୍ଡି ବ୍ଲକ ହୁଗୁଲାପଟା ପଞ୍ଚାୟତର ପୂର୍ବତନ ସରପଞ୍ଚ ସୂର୍ଯ୍ୟ ନାରାୟଣ ଗୌଡ଼, ତାଙ୍କ ୨ପୁଅ ଅଶୋକ କୁମାର ଗୌଡ଼, ଅନିଲ କୁମାର ଗୌଡ଼, ଭାଇ ମଙ୍ଗୁଲୁ ଗୌଡ଼ ଓ ୨ ପୁତୁରା କାଳିଆ ଗୌଡ଼, ଗାଣ୍ଡୁ ଗୌଡ଼ଙ୍କୁ ଜାମିନ ମିଳିଥିବା ତାଙ୍କ ଓକିଲ ସାୟାଦ ଇବବଲ ଓ ସଞ୍ଜୟ ବେହେରା ସୂଚନା ଦେଇଛନ୍ତି। ହୁଗୁଲାପଟା ଗାଁର ଏକ କୋଠ ଘର ନିର୍ମାଣ କାମ ରାମଚନ୍ଦ୍ର ମହାରଣା ନେଇଥିଲେ। ଏହି ନିର୍ମାଣ କାମ ନ କରିବାକୁ ରାମଚନ୍ଦ୍ରଙ୍କୁ ସୂର୍ଯ୍ୟନାରାୟଣ କହିଥିଲେ। ରାମଚନ୍ଦ୍ର ଉକ୍ତ କାମ ଛାଡ଼ିବେନି ବୋଲି କହିବାରୁ ଗତ ୧୩ ତାରିଖ ରାତିରେ ସୂର୍ଯ୍ୟନାରାୟଣ, ତାଙ୍କ ୨ ପୁଅ, ଭାଇ ଓ ୨ ପୁତୁରା ସଂଘବଦ୍ଧ ଭାବେ ଠେଙ୍ଗାରେ ରାମଚନ୍ଦ୍ରଙ୍କୁ ଆକ୍ରମଣ କରିଥିଲେ। ଏପରିକି ସେମାନେ ତାଙ୍କ ମା’ଙ୍କୁ ମଧ ଆକ୍ରମଣ କରିଥିଲେ ବୋଲି ସଦର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏ ନେଇ ନଂ.୨୦୨/୧୯ରେ ଏକ ମାମଲା ରୁଜୁ କରି ୬ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ଦିବ୍ୟଜୀବନ ସଂଘର ପ୍ରବଚନ କାର୍ଯ୍ୟକ୍ରମ

ବ୍ରହ୍ମପୁର ଅଫିସ,୧୮।୯

ଦିବ୍ୟଜୀବନ ସଂଘ ମହିଳା ଶାଖା ପକ୍ଷରୁ ରାମଚରିତ ମାନସ, ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସୁନାବେଢା ଅଞ୍ଚଳର କମଳ କୁମାରୀ ପାଣିଗ୍ରାହୀ ଯୋଗଦେଇ ଶ୍ରୀରାମଙ୍କ ଆଦର୍ଶ ଓ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜଙ୍କର ଲୀଳା ବର୍ଣ୍ଣନା କରିଥିଲେ। ସ୍ୱାମୀ ଗୋବିନ୍ଦାନନ୍ଦ ସରସ୍ୱତୀ, ଓମ୍ ଆନନ୍ଦ ସରସ୍ୱତୀ ଉପସ୍ଥିତ ଥିଲେ । ସ୍ଥାନୀୟ ଶିବାନନ୍ଦ ଶିଶୁ ମନ୍ଦିର, ରାମନଗର ପରିସରରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ଆଦର୍ଶ ବିଦ୍ୟାର୍ଥୀ ଜୀବନ ବିଷୟରେ ସେମାନେ ଉଦବୋଧନ ଦେଇଥିଲେ। ଶ୍ରୀନିବାସ ପାତ୍ର, ଅରୁଣ ଦାଶ ପ୍ରମୁଖ ପାରାୟଣ, ହନୁମାନ ଚାଳିଶା, ସୁନ୍ଦରାକାଣ୍ଡ ପାଠ କରିଥିଲେ । ଏହି ଅବସରରେ ୩୭ ଜଣ ଗରିବଙ୍କୁ ପ୍ରସାଦ, ବସ୍ତ୍ର ବଣ୍ଟାଯାଇଥିଲା । ଲୋଚାପଡା ରୋଡ ଜରାନିବାସ ଅନ୍ତେବାସୀଙ୍କୁ ମଧ ପ୍ରସାଦ ବଣ୍ଟନ କରାଯାଇଥିଲା । ସଂଘର ମୁଖ୍ୟ ସଂଗଠକ ଶାନ୍ତିଭୂଷଣ ପଣ୍ଡା, ସଭାପତି ଜ୍ୟୋତ୍ସ୍ନାରାଣୀ ଦାଶଙ୍କ ସମେତ ସଂଘର ସମସ୍ତ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ ।



କାର୍ଯ୍ୟକ୍ରମରେ ଉପସ୍ଥିତ ସଂଘଠନର କର୍ମକର୍ତ୍ତା ।

## ■ ଜିଲା କଂଗ୍ରେସର ଚେତାବନୀ

# ରାସ୍ତା ପୁନଃ ନିର୍ମାଣ ନ ହେଲେ ଆନ୍ଦୋଳନ

ବ୍ରହ୍ମପୁର ଅଫିସ,୧୮।୯

ଜାନିବିଲି ଜଳଯୋଗାଣ ପ୍ରକଳ୍ପ ପାଇଁ ପାଇପ ଲାଇନ ସଂଯୋଗ ନିମନ୍ତେ ସମ୍ପୃକ୍ତ ଠିକା ସଂସ୍ଥା ଦକ୍ଷିଣ ଓଡ଼ିଶାର ପ୍ରାଣକେନ୍ଦ୍ର ବ୍ରହ୍ମପୁର ସହର ସାରା ରାସ୍ତା ଖୋଳି କଦର୍ଯ୍ୟ କରି ଦେଇଛି । ସବୁଠି ଖାଲଖମା ଯୋଗୁ ଯାନବାହନ ଚଳାଚଳ ଏବଂ ଲୋକଙ୍କ ଯାତାୟାତ ବିପଦପୂର୍ଣ୍ଣ ହୋଇଯାଇଛି । ରାସ୍ତାକଡ଼ରେ ଗଦାଗଦା ମାଟି ପଡ଼ି ରହିଛି । ମହାନଗର ନିଗମ (ବିଏମସି)ର ପରିଚାଳନା ଦାୟିତ୍ୱ ସରକାରଙ୍କ ହାତକୁ ଯିବାର ବର୍ଷେ ପୂରିବାକୁ ଯାଉଛି । ଗଞ୍ଜାମ ଜିଲାପାଳଙ୍କୁ ପ୍ରଶାସକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଉକ୍ତ ସମସ୍ୟାର ସମାଧାନରେ ବିଏମସି ବିଫଳ ହୋଇଥିବାରୁ ସହରାଞ୍ଚଳରେ ଜନ ଅସନ୍ତୋଷ ବଢ଼ି ଚାଲିଛି । ରାସ୍ତା ମରାମତି ବା ପୁନଃନିର୍ମାଣ ଏବଂ ମାଟି ହଟାଇ ସ୍ଥିତି ସ୍ୱାଭାବିକ ପାଇଁ ଜିଲା ଓ ନଗର କଂଗ୍ରେସ ଦାବି କରିଛି । ତୁରନ୍ତ ଏଥିପ୍ରତି ପଦକ୍ଷେପ ନିଆନଗଲେ ସହରବାସୀଙ୍କୁ ମେଳି କରି ଜନ ଆନ୍ଦୋଳନ ସହ ବିଏମସି ଅଫିସ ଘେରାଉ କରିବ ବୋଲି କଂଗ୍ରେସ ଚେତାବନୀ ଦେଇଛି ।

ଗଞ୍ଜାମ ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡା ଓ ମହାନଗର କଂଗ୍ରେସ ସଭାପତି ପ୍ରମୋଦ କୁମାର ଜେନା ବୁଧବାର କହିଛନ୍ତି, ଶୋଚନୀୟ ହୋଇଯାଇଥିବା ରାସ୍ତାଗୁଡ଼ିକର ପୁନରୁଦ୍ଧାର ପାଇଁ ପ୍ରଶାସକ ଓ ବିଏମସି କମିଶନର ଘନଘନ ବୈଠକ କରୁଛନ୍ତି। ଠିକା ସଂସ୍ଥା ଉଭୟଙ୍କ ନିର୍ଦ୍ଦେଶକୁ ହେୟଜ୍ଞାନ କରୁଥିବାରୁ ଫଳ ଶୂନ ହୋଇଛି । ଅନ୍ୟପକ୍ଷରେ ଶାରଦୀୟ ଦୁର୍ଗାପୂଜା ଓ ନବରାତ୍ର ପୂଜା ଲାଗି ସହରରେ ଜନ ସମାଗମ ହେବ। ଖାଲଖମା ରାସ୍ତାରେ ଛୋଟ ବଡ଼ ଦୁର୍ଘଟଣା ଘଟିବା ଆଶଙ୍କା କରାଯାଉଛି । ତେଣୁ ଏହା ପୂର୍ବରୁ ସମସ୍ୟାର ସ୍ଥାୟୀ ସମାଧାନ ସହ ବିଏମସି ଓ ପୋଲିସ ପକ୍ଷରୁ ପାର୍କିଂଜୋନ ଏବଂ ଟ୍ରାଫିକ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବାକୁ ଜିଲା ଓ ମହାନଗର କଂଗ୍ରେସ ଦାବି କରିଛି। ନଚେତ ବିଏମସି ପରିଣାମ ଭୋଗିବ ବୋଲି ସତର୍କ କରି ଦିଆଯାଇଛି ।

## ସଂକ୍ଷେପରେ

### ଏଟିଏମ୍‌ରେ ନିଆଁ, ଟଙ୍କା ଅପ୍‌ଲୋଡ଼ ଅଧାରୁ ବନ୍ଦ




**ଦାରିଙ୍ଗବାଡ଼ି,୧୮।୯(ଡି.ଏନ.ଏ):** ଦାରିଙ୍ଗବାଡ଼ିଠାରେ ଥିବା ଏଟିଏମ କାଉଣ୍ଟରରେ ବୁଧବାର ଅପରାହ୍ନରେ ନିଆଁ ଲାଗି ଅଧିକାଂଶ ଯନ୍ତ୍ରପାତୀ ନଷ୍ଟ ହୋଇଯାଇଛି। ଫଳରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏହା ଗ୍ରାହକଙ୍କୁ ସେବା ଯୋଗାଇବା ପାରିବ ନାହିଁ ବୋଲି ଶାଖା ପରିଚାଳକ ଅଜୟ ପ୍ରଧାନ କହିଛନ୍ତି।

ପ୍ରକାଶ ଯେ, ଏଟିଏମ୍ ମେଶିନରେ ଯାନ୍ତ୍ରୀକ ତ୍ରୁଟି ଥିବାରୁ ବୁଧବାର ଇଞ୍ଜିନିୟର ଆସି ସଜାଡି ଯାଇଥିଲେ। ଅପରାହ୍ନରେ ଉକ୍ତ ଏଟିଏମ୍‌ରେ ଟଙ୍କା ଲୋଡ଼ କରାଯାଉଥିବା ବେଳେ ହଠାତ୍ ସର୍ଟଶର୍କିଟ ଯୋଗୁ ନିଆଁ ଲାଗିଯାଇଥିଲା। ଉପସ୍ଥିତି କର୍ମଚାରୀ ଏବଂ ସ୍ଥାନୀୟ ଲୋକ ନିଆଁକୁ ଆୟତ୍ତ କରିଥିଲେ। ସୂଚନାଯୋଗ୍ୟ ଯେ, ଏହି ଏଟିଏମ୍ ଉପରେ ବ୍ଲକର ୨୫ ପଞ୍ଚାୟତର ଲକ୍ଷାଧିକ ଲୋକେ ନିର୍ଭର କରନ୍ତି।

### ବୃହତ୍ ଚାରାରୋପଣ ଅଭିଯାନର ଶୁଭାରମ୍ଭ

**ଜି.ଉଦୟଗିରି,୧୮।୯(ଡି.ଏନ.ଏ.):** ଜି.ଉଦୟଗିରିସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ବୃହତ୍ ଚାରାରୋପଣ ଅଭିଯାନର ଶୁଭାରମ୍ଭ ମଙ୍ଗଳବାରରୁ ଆରମ୍ଭ ହୋଇଛି। ସର୍ବପ୍ରଥମେ ଗ୍ରେସିଙ୍ଗିଆ ପଞ୍ଚାୟତରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସ୍ଥାନୀୟ ସରପଞ୍ଚ ସୁମନ୍ତ ପ୍ରଧାନ ପ୍ରଥମେ ଚାରା ରୋପଣ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। କିରାମାହା, ବାକିକାମ୍ଧା ଓ ବାଉଡ଼ିନାଯୁ ଗ୍ରାମର ୧୨୦ରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ୬୦୦ ଚାରା ବଣ୍ଟନ କରାଯାଇଥିବା ଜି.ଉଦୟଗିରି କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ଦେବାଶିଷ ମିଶ୍ର କହିଛନ୍ତି। ଚଳିତ ବର୍ଷ ୫ ହଜାରରୁ ଉର୍ଦ୍ଧ୍ୱ ଚାରା ରୋପଣ କରାଯିବ ବୋଲି ସେ କହିଥିଲେ। ବାଉଁଶ, ପଣସ, ବାବୁଲ ଚାରା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଚାଷୀ ଓ କୃଷି ବୈଜ୍ଞାନିକମାନେ ଉପସ୍ଥିତ ଥିଲେ।

### ଖେମୁଣ୍ଡି କଲେଜରେ ଚାରାରୋପଣ

**ଦିଗପହଣ୍ଡି,୧୮।୯(ଡି.ଏନ.ଏ.):** ଦିଗପହଣ୍ଡିସ୍ଥିତ ଖେମୁଣ୍ଡି କଲେଜ ପରିସରରେ ଭୁବନେଶ୍ୱରସ୍ଥିତ ଶାହା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଉନ୍ନତ କିସମର ଆମ୍ବ ଚାରା ରୋପଣ କରାଯାଇଛି। ଏହି ସଚେତନତା ସଭାରେ କଲେଜ ଅଧକ୍ଷା ପ୍ରଣତି ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଚାରା ରୋପଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଟ୍ରଷ୍ଟର ଅଧକ୍ଷ ଜିତେନ ସାହା, ଅଧାପିକା ସସ୍ମିତା ସ୍ୱାଇଁ, ଅଧାପକ ହିମାଂଶୁ ଶେଖର ମିଶ୍ର, ଗୌରାଙ୍ଗ ପଣ୍ଡା, କଲେଜ ପୁରାତନ ଛାତ୍ର ସଂଘ ଆଲୁମିନି ସମ୍ପାଦକ ହର ପ୍ରସାଦ ରଥ ପ୍ରମୁଖ ଉପସ୍ଥିତ ଥିଲେ।

# ଅବ୍ୟବସ୍ଥାରେ ସ୍ରାଡ଼ିମୁଣ୍ଡା ବିଦ୍ୟାଳୟ

**ଫିରିଙ୍ଗିଆ, ୧୮।୯**

ଫିରିଙ୍ଗିଆ ବ୍ଲକ ପଲାବ୍ରୁଡି ପଞ୍ଚାୟତ ସ୍ରାଡିମୁଣ୍ଡା ନୂତନ ପ୍ରାଥମିକ ବିଦ୍ୟାଳୟରେ ବିଭିନ୍ନ ଅବ୍ୟବସ୍ଥା ଦେଖିବାକୁ ମିଳିଛି । ଏଠାରେ ଶ୍ରେଣୀ ଗୃହ, ଶିକ୍ଷକ ଅଭାବ ସହ ପାନୀୟ ଜଳ ମୁଖ୍ୟ ସମସ୍ୟା ହୋଇଛି । ୧୯୭୨ ମସିହାରୁ ଆରମ୍ଭ ହୋଇଥିବା ଏହି ସ୍କୁଲରେ ପ୍ରଥମରୁ ଅଷ୍ଟମ ଯାଏ ଶ୍ରେଣୀ ରହିଛି । ବର୍ତ୍ତମାନ ୬୭ ପିଲା ଏଠାରେ ପାଠ ପଢୁଛନ୍ତି। ୮ ଶ୍ରେଣୀର ପିଲା ୩ଟି ଗୃହରେ ବସୁଛନ୍ତି। ସେଥିମଧ୍ୟରୁ ୨ଟି ଆଜବେଷ୍ଟସ ଓ ଅନ୍ୟଟି ଛାତ ଘର । ଆଜବେଷ୍ଟସ ଭାଙ୍ଗି ଯାଇଥିବାରୁ ପିଲାମାନେ ଉକ୍ତ ଦୁଇ ଗୃହରେ ପଢ଼ିବା ସମ୍ଭବ ହେଉ ନ ଥିବାରୁ ସମସ୍ତେ ଛାତ ଘରକୁ ଆସୁଛନ୍ତି। ଯଦ୍ୱାରା ଗୋଟିଏ ଗୃହରେ ସମସ୍ତ ପିଲାଙ୍କୁ ପଢ଼ାଇବା ସମ୍ଭବ ହେଉନାହିଁ । ଏଭଳିସ୍ଥଳେ ଯଦି ୨/୩ ଦିନ ବର୍ଷା ଲାଗି ରହିଲା ତାହାଲେ ପିଲାମାନେ ଘରେ ରହିବାକୁ ବାଧ ହେଉଛନ୍ତି।

ସେହିପରି ସ୍କୁଲରେ ପାନୀୟ ଜଳ ସମସ୍ୟା ଲାଗି ରହିଛି । ସ୍କୁଲ ପରିସରରେ ଥିବା ନଳକୂପ ଖରାପ ହୋଇଛି । ବାହାରେ ଥିବା ଅନ୍ୟ ଏକ ନଳକୂପର ପାଣିକୁ ମଧ୍ୟାହ୍ନ ଭୋଜନରେ ବ୍ୟବହାର କରାଯାଉଛି । ଉକ୍ତ ପାଣି ଆଇରନ ମିଶ୍ରିତ ହୋଇଥିବାରୁ ପିଲାମାନେ ପିଇ ପାରୁ ନାହାନ୍ତି। ବିଦ୍ୟାଳୟ ଚାରିପଟେ ପାଚେରି ନାହିଁ । ତାରବାଡ ବୁଲା ଯାଇଛି । ଗୋରୁ ପଶି ଅପରିଷ୍କାର କରୁଛନ୍ତି। ବିଦ୍ୟାଳୟ କମିଟି ସଭାପତି କାଣ୍ଡିଲା ଦିଗାଲ କହିଛନ୍ତି, ପ୍ରତି ମାସ ପଞ୍ଚାୟତ ମିଟିଂରେ ସ୍କୁଲ ସମସ୍ୟା ବିଷୟରେ ଆଲୋଚନା କରୁଛୁ । ବ୍ଲକ ଶିକ୍ଷାଧିକାରୀଙ୍କୁ ଜଣାଇଛୁ । ହେଲେ କୌଣସି ପଦକ୍ଷେପ ନିଆଯାଉନାହିଁ । ସେହିପରି ପାଣି ବିଷୟରେ ଆରଡବ୍ଲ୍ୟୁଏସ୍ଏସ୍‌କୁ ଜଣାଇ ଦିଆଯାଇଛି। ଶ୍ରେଣୀଗୃହ ବିଷୟରେ ବିଭାଗୀୟ ଅଧିକାରୀ ଏବଂ ସରପଞ୍ଚଙ୍କୁ ଜଣାଇଛୁ ବୋଲି ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର କହଁର ପ୍ରକାଶ କରିଛନ୍ତି। ଏ ନେଇ ବ୍ଲକ ଶିକ୍ଷାଧିକାରୀ ବିନୋଦ ବିହାରୀ ଦିଗାଲଙ୍କୁ ପଚାରିବାରୁ ଶ୍ରେଣୀ ଗୃହ ନିର୍ମାଣ ବ୍ଲକ ତରଫରୁ କରାଯିବ ବୋଲି କହିଛନ୍ତି।

## ସ୍କୁଲରେ ପଢ଼ାଇଲେ ଜିଲାପାଳ


ଜିଲାପାଳ ପିଲାଙ୍କୁ ପଢ଼ାଉଛନ୍ତି।

**ଫିରିଙ୍ଗିଆ, ୧୮।୯**

ଫିରିଙ୍ଗିଆ ବ୍ଲକର ଦୁର୍ଗମ ଅଞ୍ଚଳ ପାଙ୍ଗା ଉପରସାହି ଏବଂ ସାଡିଙ୍ଗିଆ ପଞ୍ଚାୟତକୁ କନ୍ଧମାଳ ଜିଲାପାଳ ଡା.ବୃନ୍ଦା ଡି. ପରିଦର୍ଶନରେ ଯାଇ ସେଠାର ବିଭିନ୍ନ ସମସ୍ୟା ଉପରେ ଅବଗତ ହୋଇଛନ୍ତି। ସେଠାରେ ଥିବା ଉପ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବା ବେଳେ କେହି ଡାକ୍ତର ନ ଥିବା ଜିଲାପାଳ ଦେଖିବାକୁ ପାଇଥିଲେ। ପରେ ବିଭିନ୍ନ ଗ୍ରାମ ବୁଲି ଲୋକଙ୍କୁ ସେମାନଙ୍କ ସମସ୍ୟା ପଚାରି ବୁଝିଥିଲେ । ପରେ ସ୍କୁଲ ଯାଇ ପିଲାମାନେ କିପରି ପଢୁଛନ୍ତି, ଶିକ୍ଷକ ଆସୁଛନ୍ତି କି ନାହିଁ ତଦାରଖ କରିଥିଲେ। ଏହି ଅବସରରେ ପାଙ୍ଗା ଉପରସାହି ବିଦ୍ୟାଳୟରେ ଜିଲାପାଳ ପିଲାଙ୍କୁ ପଢ଼ାଇଥିଲେ । ଜିଲାପାଳଙ୍କ ଗସ୍ତ ବେଳେ ବିଡିଓ ପ୍ରବୀଣ କୁମାର ବାଣୁଆ, ପାଙ୍ଗା ଉପରସାହି ସରପଞ୍ଚ ବିଷ୍ଣୁ ଚରଣ କହଁର ପ୍ରମୁଖ ସାମିଲ ଥିଲେ।

# ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କଠାରୁ ଝାମ୍ପିନେଲେ ୨ଲକ୍ଷ

- ପିଛା କରି ପୋଲିସ ନିରାଶ
- ସହଯୋଗ କଲାନି ପଡ଼ୋଶୀ ଥାନା

**ଦାରିଙ୍ଗବାଡ଼ି,୧୮।୯(ଡି.ଏନ.ଏ)**

ଦାରିଙ୍ଗବାଡ଼ି ଥାନା ଅନ୍ତର୍ଗତ ଷ୍ଟେଟ ବ୍ୟାଙ୍କ ନିକଟରୁ ବୁଧବାର ପୂର୍ବାହ୍ନରେ ୨ଲକ୍ଷ ଟଙ୍କା ଲୁଟ ହୋଇଥିବା ଅଭିଯୋଗ ହୋଇଛି। ଦାରିଙ୍ଗବାଡ଼ି ଆଇଆଇସି କୌଶିକ ମାଝୀଙ୍କ ନିର୍ଦ୍ଦେଶକ୍ରମେ ସବଇନ୍ସପେକ୍ଟର ଗୋପାଳକୃଷ୍ଣ ଆଗୁପାତ୍ର ଦୁର୍ବୃତ୍ତଙ୍କ ପିଛା କରିଥିଲେ। ଦୁର୍ବୃତ୍ତମାନେ ବାଲିଗୁଡ଼ା ଅଭିମୁଖେ ପଳାଇଯାଇଥିଲେ। ପୋଲିସ ପିଛା କରିବା ସହ ନିକଟସ୍ଥ ବାଲିଗୁଡ଼ା ସମେତ କ.ନୂଆଗାଁ ଏବଂ ରାଇକିଆ ଥାନାକୁ ଫୋନରେ ଜଣାଇଥିଲେ। ହେଲେ କ.ନୂଆଗାଁ ଥାନାରେ କୌଣସି କର୍ମଚାରୀ ଫୋନ ଉଠାଇ ନ ଥିଲେ। ବହୁସମୟ ପରେ ଫୋନ ଉଠାଇଥିଲେ ମଧ୍ୟ ସେତେବେଳକୁ ଦାରିଙ୍ଗବାଡ଼ି ପୋଲିସ କ.ନୂଆଗାଁ ଥାନା ଅଞ୍ଚଳ ଡେଇଁ ବାଲିଗୁଡ଼ା ଥାନା ପର୍ଯ୍ୟନ୍ତ ପିଛା କରି ନିରାଶରେ ଫେରିଥିଲା।


ପଞ୍ଚାୟତ ନିର୍ବାହୀ ଅଧିକାରୀ ତିରୁପତି ମଲ୍ଲିକ ଏବଂ ତାଙ୍କ ସ୍କୁଟି।

ପ୍ରକାଶଯେ ସିମନବାଡ଼ି ଏବଂ ବୁଡାଗୁଡ଼ା ପଞ୍ଚାୟତ ଦାୟିତ୍ୱରେ ଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ ତିରୁପତି ମଲ୍ଲିକ ବ୍ୟାଙ୍କରୁ ୨ଲକ୍ଷ ଟଙ୍କା ଉଠାଇ ସ୍କୁଟି (ନଂ.ଓଡି-୭ଏଏ-୮୪୪୯) ଡିକିରେ ରଖିଥିଲେ। ସ୍କୁଟି ଷ୍ଟାର୍ଟ କରି ଫେରୁଥିବାବେଳେ ବ୍ୟାଙ୍କଠାରୁ ମାତ୍ର ଶହେ ମିଟର ଦୂରରେ କୌଣସି କାର୍ଯ୍ୟ ପାଇଁ ଅଟକିଥିଲେ। କାମ ସାରି ଫେରିବାବେଳକୁ ତାଙ୍କୁ ପିଛା କରୁଥିବା ଦୁର୍ବୃତ୍ତ ସ୍କୁଟି ଡିକିରୁ ୨ଲକ୍ଷ ଟଙ୍କା ସମେତ ବୁଡାଗୁଡ଼ା ପଞ୍ଚାୟତର ଏକ ଚେକ ବୁକ୍ ଓ କିଛି କାଗଜପତ୍ର ଥିବା ବ୍ୟାଗକୁ ଧରି ବାଇକରେ ଚମ୍ପଟ ମାରିଥିଲେ। ଏନେଇ ତିରୁପତି ଥାନାରେ ଅଭିଯୋଗ କରିବା ପରେ ନଂ.୯୫/୧୯ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

## ବେଗୁନିଆପଡ଼ାରେ ସେବା ସପ୍ତାହ ଦିବସ ପାଳିତ

**ବେଗୁନିଆପଡା,୧୮।୯(ଡି.ଏନ୍.ଏ.)**

ବେଗୁନିଆପଡ଼ା ବ୍ଲକ ଅଙ୍ଗାରଗାଁ ମଣ୍ଡଳ ସଭାପତି ସତ୍ୟବାଦୀ ସାହୁଙ୍କ ନେତୃତ୍ୱରେ ମଙ୍ଗଳବାର ଭାରତୀୟ ଜନତା ପାର୍ଟିର ସେବା ସପ୍ତାହ ଦିବସ ସୁମଣ୍ଡଳଠାରେ ପାଳିତ ହୋଇଯାଇଛି। ବରିଷ୍ଠ ନେତା ଅରୁଣ କୁମାର ପଣ୍ଡା ଓ ରାଜ୍ୟ ଲିଗାଲ ସେଲ ଯୁଗ୍ମ ଆବାହକ ଗୋବିନ୍ଦ ଆଚାର୍ଯ୍ୟ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିବସକୁ ସେବା ସପ୍ତାହ ଦିବସ ଭାବେ ପାଳନ କରିବା ସହିତ ମୋଦିଜୀଙ୍କ ଦୀର୍ଘାୟୁ କାମନା କରିଥିଲେ। ଏହି ଉପଲକ୍ଷେ ସୁମଣ୍ଡଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚାରାରୋପଣ, ସଫେଇ ସହିତ ରୋଗୀମାନଙ୍କୁ ଫଳବଣ୍ଟନ କରାଯାଇଥିଲା।

## କାଳିଞ୍ଜି ସମାଜ ବୈଠକ

**ବୁଗୁଡ଼ା,୧୮।୯(ଡି.ଏନ.ଏ.)**

ନିଖିଳ ଉତ୍କଳ ଓଡ୍ର ଖଣ୍ଡାୟତ କାଳିଞ୍ଜି ସମାଜ ବେତାରସିଙ୍ଗି ଅଞ୍ଚଳର ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗୌରୀ ଚରଣ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। କେନ୍ଦ୍ରୀୟ କୋଷାଧ୍ୟକ୍ଷ କାହ୍ନୁଚରଣ ବିଷୋୟୀ, ବେତାରସିଙ୍ଗି ଅଞ୍ଚଳର ସଭାପତି ଗଙ୍ଗାଧର ବିଷୋୟୀ, ସମ୍ପାଦକ ଅମ୍ବିକା କୁମାର ବିଷୋୟୀ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି ସମାଜର ଶୃଙ୍ଖଳା, ମତଭେଦ ଦୂରୀକରଣ, ପ୍ରସ୍ତାବିତ କାର୍ଯ୍ୟାଳୟର ଅଗ୍ରଗତି ଓ ପୂର୍ଣ୍ଣାଙ୍ଗ, କଣଛାଇ ମଣ୍ଡଳର ପୁନର୍ଗଠନ ଉପରେ ଆଲୋଚନା କରିଥିଲେ। ଶେଷରେ ପାଣ୍ଡୁ ଚରଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ୟାଙ୍କରେ ଗ୍ରାହକଙ୍କୁ ଦୁର୍ବ୍ୟବହାର ଅଭିଯୋଗ

**ଦାରିଙ୍ଗବାଡ଼ି,୧୮।୯(ଡି.ଏନ.ଏ)**

ଦାରିଙ୍ଗବାଡ଼ି ଭାରତୀୟ ଷ୍ଟେଟବ୍ୟାଙ୍କରେ ଶାଖା ପରିଚାଳକ ଜଣେ ଜନଜାତି ସମ୍ପ୍ରଦାୟର ଗ୍ରାହକଙ୍କୁ ଜାତିକୁ ନେଇ ଗାଳିଗୁଲଜ କରିବା ସହ ଦୁର୍ବ୍ୟବହାର କରିଥିବା ଦାରିଙ୍ଗବାଡ଼ି ଥାନାରେ ମଙ୍ଗଳବାର ସନ୍ଧ୍ୟାରେ ଅଭିଯୋଗ ହୋଇଛି। ଅଭିଯୋଗ କରିଛନ୍ତି କାଡସପାଟା ଗ୍ରାମର ଫିରୋଜ କୁମାର ପ୍ରଧାନ। ବୁଧବାର ଦାରିଙ୍ଗବାଡ଼ି ଥାନା ଅଧିକାରୀ କୌଶିକ ମାଝି ଶାଖା ପରିଚାଳକ ଅଜୟ ପ୍ରଧାନ ଏବଂ ଫିରୋଜଙ୍କୁ ଥାନାକୁ ଡାକିଥିଲେ। ମାତ୍ର ସନ୍ଧ୍ୟା ପର୍ଯ୍ୟନ୍ତ ଏହାର କୌଣସି ସମାଧାନ ହୋଇ ପାରିନାହିଁ। ଏନେଇ ଦାରିଙ୍ଗବାଡ଼ି ଆଇଆଇସି ମାଝୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ମାମଲା ରୁଜୁ କରାଯିବ ଏବଂ ଜଣେ ଡିଏସ୍‌ପି ଏହାର ତଦନ୍ତ କରିବେ। ସେପଟେ ଘଟଣାକୁ ଚପାଇଦେବାକୁ ବ୍ୟାଙ୍କ ପକ୍ଷରୁ ଜୋରଦାର ଉଦ୍ୟମ କରାଯାଉଥିବା ଆଲୋଚନା ହେଉଛି।

ପ୍ରକାଶ ଯେ, ଫିରୋଜ ମଙ୍ଗଳବାର ତାଙ୍କ ଆକାଉଣ୍ଟରେ ରହିଥିବା ମୋବାଇଲ ନମ୍ବର ପରିବର୍ତ୍ତନ ପାଇଁ ବ୍ୟାଙ୍କକୁ ଯାଇଥିଲେ। ସେ ଆକାଉଣ୍ଟ ସେକସନକୁ ଯାଇଥିବାବେଳେ କର୍ମଚାରୀ ତାଙ୍କୁ ଶାଖା ପରିଚାଳକଙ୍କ ନିକଟକୁ ଯିବାକୁ ପରାମର୍ଶ ଦେଇଥିଲେ। ଫିରୋଜ ଶାଖା ପରିଚାଳକଙ୍କ ଚ୍ୟାମ୍ବରକୁ ଯାଇ ମୋବାଇଲ ନମ୍ବର ପରିବର୍ତ୍ତନ ପାଇଁ କହିବାରୁ ଶାଖା ପରିଚାଳକ ତାଙ୍କୁ ଚ୍ୟାମ୍ବରରୁ ବାହାରି ଯିବାକୁ କହିବା ସହ ଜାତିକୁ ନେଇ ଗାଳିଗୁଲଜ କରିଥିବା ଥାନାରେ ଜଣାଇଛନ୍ତି। ଏନେଇ ଶାଖା ପରିଚାଳକ ଅଜୟ ପ୍ରଧାନଙ୍କ ସହ ଯୋଗାଯୋଗ କରିବାରୁ, ଏହା ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହିଛନ୍ତି। ସେ କହିଛନ୍ତି, ମୁଁ କେବଳ ଚାଲିଯିବାକୁ କହିଥିଲି ଓ ପରେ ନମ୍ବର ପରିବର୍ତ୍ତନ କରିଦେବି ବୋଲି କହିଛି। ସେ ଏଥି ପାଇଁ ଫିରୋଜ ଏବଂ ଅନ୍ୟମାନଙ୍କୁ କ୍ଷମା ପ୍ରାର୍ଥନା ମଧ୍ୟ କରିଛନ୍ତି ବୋଲି କହିଛନ୍ତି। ଫିରୋଜ ଏହାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

# ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କିତ ବୈଠକ

**ଫୁଲବାଣୀ ଅଫିସ, ୧୮।୯**

ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଫିରିଙ୍ଗିଆ ଏବଂ ଚକାପାଦ ବ୍ଲକରେ ସରକାରଙ୍କ ବିଭିନ୍ନ ଯୋଜନାର ଅଗ୍ରଗତି ଉପରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଡ଼ା.ବୃନ୍ଦା ଡ଼ି, ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ବିଶ୍ୱନାଥ ବାରିକ ଯୋଗଦେଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର ଯୋଜନା ଏବଂ ଏମଜିଏନଆରଇଜିଏସ୍ କାର୍ଯ୍ୟର ସମୀକ୍ଷା କରିଥିଲେ । ଏହି କାମ ଗୁଡ଼ିକ ଯୁଦ୍ଧକାଳୀନ ଭିତ୍ତିରେ ସାରିବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିଛି ଯୋଜନାର ମନ୍ଥର ଗତି ନେଇ କନିଷ୍ଠ ଯନ୍ତ୍ରୀ, ଜିପିଟିଏଙ୍କ ଉପରେ ଜିଲାପାଳ ବର୍ଷିଥିଲେ । ନୂତନ କାର୍ଯ୍ୟ ଶୈଳୀରେ ସମୟସୀମା ଧାର୍ଯ୍ୟ କରି ନିର୍ଦ୍ଧାରିତ ସମୟ ମଧ୍ୟରେ ଏଗୁଡ଼ିକ ସମ୍ପୂର୍ଣ୍ଣ କରିବା ପାଇଁ କହିଥିଲେ । ଆସନ୍ତା ଅକ୍ଟୋବର ୨ରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ କରଯିବା ସହିତ ୩ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ପଲ୍ଲିସଭା କରାଯିବାକୁ ଦିନ ଧାର୍ଯ୍ୟ ହୋଇଛି । ପଲ୍ଲି ସଭାରେ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଅତିରିକ୍ତ କାର୍ଯ୍ୟ ଖସଡ଼ା, ୨୦୨୦-୨୧ ପାଇଁ ଲୋକଙ୍କ ଦ୍ୱାରା ନୂତନ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା । ଫିରିଙ୍ଗିଆ ବିଡିଓ ପ୍ରବୀଣ କୁମାର ବାଣୁଆ, ଚକାପାଦ ବିଡିଓ ଅନିଲ କୁମାର ପଟ୍ଟନାୟକ, ବ୍ଲକ ସହକାରୀ ଯନ୍ତ୍ରୀ, ଏପିଡି ରୁରାଲ ହାଉସିଂ, ଏମଜିଏନଆରଇଜିଏସ୍ କୋ-ଅର୍ଡିନେଟର, କନିଷ୍ଠ ଯନ୍ତ୍ରୀ ଏବଂ ଜିପିଟିଓମାନେ ବୈଠକରେ ଉପସ୍ଥିତ ଥିଲେ।

# ଫୁଲବାଣୀରେ ଜାତୀୟ ପୋଷଣ ସପ୍ତାହ

**ଫୁଲବାଣୀ ଅଫିସ, ୧୮।୯**

ଫୁଲବାଣୀସ୍ଥିତ ଗାନ୍ଧୀ ସ୍ମୃତି ଭବନରେ ବୁଧବାର ଜାତୀୟ ପୋଷଣ ସପ୍ତାହ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଡା.ବୃନ୍ଦା ଡି ଏଥିରେ ଅଧକ୍ଷତା କରି ମା' ଓ ଶିଶୁର ବିକାଶ ହେଲେ ଉନ୍ନତ ସମାଜ ଗଠନ ହୋଇପାରିବ । ଏଥିଲାଗି ମା' ଓ ଶିଶୁଙ୍କ ପାଖରେ ନିରନ୍ତର ପୋଷଣ ସେବା ପହଞ୍ଚାଇବାକୁ ହେବ । ବିଶେଷ କରି କିଚେନ ଗାର୍ଡେନ୍ ଉପରେ ଜୋର ଦେଇଥିଲେ । ଅମୃତ ଭଣ୍ଡା, ସଜନା ସାଗ, ବ୍ରୋକୋଲି, ମାଣ୍ଡିଆ, ବିନସ୍ ଆଦି ପରିବା ପାଖରେ ଅଛି । ପୋଷଣ ପାଇଁ ଏସବୁ ବହୁ ଉପଯୋଗୀ । ଏହାକୁ କିଚେନରେ ବ୍ୟବହାର କରି ନିଜକୁ ସୁସ୍ଥ ରଖିବା ପାଇଁ ଜିଲାପାଳ ଅନୁରୋଧ କରିଥିଲେ। ଏଥିସହିତ ଏନଜିଓ, ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଗାଁ କଲ୍ୟାଣ କମିଟି ମାଧ୍ୟମରେ ସମସ୍ତଙ୍କୁ ପୋଷଣ ଖାଦ୍ୟ ବିଷୟରେ ସଚେତନ କରିବାକୁ ଉପଦେଶ ଦେଇଥିଲେ। ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ବସନ୍ତ କୁମାର ପାତ୍ର ଯୋଗଦେଇ ଅପପୁଷ୍ଟିକୁ ଦୂର କରିବାକୁ ହେଲେ ମା' ଓ ଶିଶୁଙ୍କୁ ଯଥେଷ୍ଟ ପରିମାଣର ପୁଷ୍ଟିକର ଖାଦ୍ୟ ଦେବା ନିତାନ୍ତ ଆବଶ୍ୟକ ବୋଲି କହିଥିଲେ। ସ୍ୱାତିର ସମ୍ପାଦକ ଇଂ. ହରିଶଙ୍କର ରାଉତ ଶିଶୁମାନଙ୍କ ବଞ୍ଚିବାର ଅଧିକାରକୁ ସେଭ୍ ଦି ଚିଲ୍ଡ୍ରେନ୍ ଦୃଢ଼ ଭାବେ ବିଶ୍ୱାସ କରେ ବୋଲି କହିଥିଲେ । ପରେ ପୁଷ୍ଟିକର ଖାଦ୍ୟ ଓ ଏନ୍ଆରସି ଦ୍ୱାରା ପ୍ରଦାନ କରାଯାଉଥିବା ଖାଦ୍ୟ ଉପରେ ଏକ ପ୍ରଦର୍ଶନୀ ହୋଇଥିଲା । କାର୍ଯ୍ୟକ୍ରମରେ ଉପସ୍ଥିତ ଅଙ୍ଗନୱାଡି କର୍ମୀ, ଆଶା କର୍ମୀମାନଙ୍କୁ ବିଭିନ୍ନ ପ୍ରଶ୍ନ ପଚରା ଯାଇଥିଲା । ଠିକ୍ ଉତ୍ତରଦାତାଙ୍କୁ ପୁରସ୍କୃତ କରାଯାଇଥିଲା। ପୂର୍ବାହ୍ନରେ ଅଙ୍ଗନୱାଡ଼ି କର୍ମୀ ଓ ମା'ମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।

## ୫୦ଲିଟର ଚୋରାମଦ ଜବତ, ୩ ଗିରଫ

**ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ, ୧୮।୯(ଡି.ଏନ.ଏ.)**

ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ଥାନା ପକ୍ଷରୁ ବୁଧବାର ଅବକାରୀ ଚଢ଼ାଉ କରାଯାଇଛି। ପୋଲିସ ୩ଟି ସ୍ଥାନରେ ଚଢାଉ କରି ୫୦ଲିଟର ଦେଶୀ ଚୋରାମଦ ଜବତ କରିବାସହ ୩ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଅଲାଞ୍ଜୁରୀ ଗ୍ରାମର କାନ୍ତ ଉଠାଣ ସିଂ, ସୁରେନ୍ଦ୍ର ଉଠାଣ ସିଂ ଏବଂ ମେରାମାହା ଗ୍ରାମର ରଞ୍ଜନ ବିଶୋୟୀ। ନଂ.୬୨,୬୩,୬୪/୧୯ରେ ମାମଲା ରୁଜୁ ହୋଇଥିବା ଓଆଇସି ରଞ୍ଜିତ ମୁନୀ କହିଛନ୍ତି।

# ଚାଳକ ଦିବସ, ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ

**ଜି.ଉଦୟଗିରି,୧୮।୯(ଡି.ଏନ.ଏ.)**

ଜି.ଉଦୟଗିରିରେ ଓଡ଼ିଶା ମୋଟର ଚାଳକ ସଂଘ ଜି.ଉଦୟଗିରି ଶାଖା ଓ ସ୍ଥାନୀୟ ପୋଲିସ ଦ୍ୱାରା ମଙ୍ଗଳବାର ଚାଳକ ଦିବସ ପାଳନ ଅବସରରେ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶତାଧିକ ଚାଳକ ଟ୍ରାଫିକ ସଚେତନ ବ୍ୟାନର ଓ ଧରି ଲୋକଙ୍କୁ ସଚେତନ କରାଇଥିଲେ। ସଚେତନତା ବାର୍ତ୍ତା ଥିବା ପ୍ରଚାରପତ୍ର ମଧ୍ୟ ବଣ୍ଟନ କରାଯାଇଥିଲା। ହେଲ୍‌ମେଟ ପିନ୍ଧିବା, ସିଟ୍ ବେଲ୍ଟ ବାନ୍ଧିବା, ନିଶାସକ୍ତ ହୋଇ ଗାଡ଼ି ନ ଚଳାଇବା, ଗାଡ଼ି ଚଳାଇବା ବେଳେ ଫୋନରେ କଥା ନ ହେବା ଆଦି ନିୟମ ପାଳନ କରିବା ପାଇଁ ଜି.ଉଦୟଗିରି ଆଇଆଇସି ଚିତ୍ତରଞ୍ଜନ ବେହେରା ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଏଥିପାଇଁ ଚକରା ବିଷୋୟୀ ମାର୍କେଟ, ଗାନ୍ଧୀ ଛକ ଓ ବରାଳିନୀ ମାର୍କେଟ ଅଞ୍ଚଳରେ ଶୋଭାଯାତ୍ରା କରାଯାଇଥିଲା। ଓଡ଼ିଶା ମୋଟର ଚାକଳ ସଂଘ ଜି.ଉଦୟଗିରି ଶାଖା ସଭାପତି କମଳ କୁମାର ସାହୁ, ଉପସଭାପତି ସଞ୍ଜୟ କୁମାର ନାୟକ, ସମ୍ପାଦକ ଉମା ଶଙ୍କର ସାହୁ, ସହ ସମ୍ପାଦକ ସିଂହରାଜ ପ୍ରଧାନଙ୍କ ସମେତ ଚାଳକ ସଂଘର କର୍ମକର୍ତ୍ତା ପ୍ରମୁଖ ନେତୃତ୍ୱ ନେଇଥିଲେ।



ଟ୍ରାଫିକ ସଚେତନତା ଶୋଭାଯାତ୍ରା।

- ତାରରେ ନଦୀ ପାର ହେବା ଘଟଣା

# ଘଟଣାସ୍ଥଳରେ ପହଞ୍ଚିଲେ ବିଡିଓ, ସହକାରୀ ଯନ୍ତ୍ରୀ

**ଚନ୍ଦ୍ରଗିରି,୧୮।୯(ଡି.ଏନ.ଏ.)**

ଧରିତ୍ରୀ ପ୍ରଭାବ

ମୋହନା ବ୍ଲକର ଅତି ଦୁର୍ଗମ ଇଲାକାରେ ଅବସ୍ଥିତ ଗରଡମା ପଞ୍ଚାୟତର ରାଜଖମା ଗ୍ରାମ ନିକଟସ୍ଥ ଗଦାପୁର ନଦୀ। ଏହି ନଦୀରେ ପୋଲ ନାହିଁ। ଖରାଦିନେ ଏହା ଶୁଖିଲା ଥିବାରୁ ଲୋକେ ଚାଲି ଯାଇଥାନ୍ତି। ମାତ୍ର ବର୍ଷାଦିନ ଜଳସ୍ତର ବୃଦ୍ଧି ପାଏ। ପ୍ରାୟ ୮ରୁ ୧୦ ଫୁଟ ପାଣି ଓ ପ୍ରଖର ସ୍ରୋତରେ ଜୀବନକୁ ବାଜି ଲଗାଇ ଦୈନିକ ବିଦ୍ୟୁତ୍ ତାର ସାହାରା ନେଇ ଅଞ୍ଚଳବାସୀ ଉକ୍ତ ନଦୀ ପାର ହେଇଥାନ୍ତି। ନଦୀ ପାର ଘଟଣା ପ୍ରଥମେ ଗତ ୧୧ ତାରିଖରେ ଧରିତ୍ରୀ ଲାଇଭ୍ ଏବଂ ୧୨ରେ ଧରିତ୍ରୀ କାଗଜରେ ପ୍ରକାଶ ପାଇବା ପରେ ଏବେ ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଦେଇଛି। ଜିଲା ପ୍ରଶାସନର ନିର୍ଦ୍ଦେଶରେ ସୋମବାର ମୋହନା ବିଡିଓ ବଂଶୀଧର ଖୋସଲା ଏବଂ ବ୍ଲକର ସହକାରୀ ଯନ୍ତ୍ରୀ ଜଗବନ୍ଧୁ ଆଚାର୍ଯ୍ୟ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଅଞ୍ଚଳବାସୀଙ୍କ ସହ ଆଲୋଚନା କରିଛନ୍ତି। ନଦୀ ଉପରେ ପୋଲ ନିର୍ମାଣ କରିବା ନିହାତି ଜରୁରୀ। ପୋଲ ନିର୍ମାଣ ହେଲେ ନଦୀ ଆରପଟେ ଥିବା ରାଜଖମା, ବେତାଗଣ୍ଡା, କୁଟ୍ରୀପଦର, ଗାଙ୍ଗୁଡିପଙ୍କା ଭଳି କେତେ ଖଣ୍ଡ ଆଦିବାସୀ ବହୁଳ ଗାଁକୁ ଯାତାୟାତର ସୁବିଧା ହୋଇପାରିବ ବୋଲି କହିଥିଲେ। ଏଥିସହ ପଞ୍ଚାୟତର ଢେପାଗୁଡାରୁ ଗମ୍ଭାରୀ ଓ ରାଜଖମା ଗାଁ ରାସ୍ତା ଅତି ଦୟନୀୟ ଥିବାରୁ ଏଠାରେ ୩୪ କିମି ଥିବା ମାଟି ରାସ୍ତାକୁ ପକ୍କାରାସ୍ତା କିଭଳି ହେବ ସେ ନେଇ ସମିତି ବୈଠକରେ ଆଲୋଚନା କରାଯିବ ବୋଲି ବିଡିଓ କହିଥିଲେ। ଉକ୍ତ ନଦୀରେ ଗୋଟିଏ ପୋଲର ଆବଶ୍ୟକତା ରହିଥିବା ନେଇ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଦିଆଯିବା ସହ ଅଞ୍ଚଳର ବିଭିନ୍ନ ସମସ୍ୟାକୁ ମଧ୍ୟ ସମାଧାନ କରାଯିବ ବୋଲି ସେ ଲୋକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।


ନଦୀ କୂଳରେ ମୋହନା ବିଡିଓଙ୍କ ସହ ସ୍ଥାନୀୟ ଅଞ୍ଚଳବାସୀ।

## ସଂକ୍ଷେପରେ

### ରାଲି ମାଧ୍ୟମରେ ସଚେତନତା

**ରାମଗିରି, ୧୮।୯(ଡି.ଏନ.ଏ.)-** ଆର.ଉଦୟଗିରି ଓ ରାମଗିରି ଥାନାର ମିଳିତ ଆନୁକୂଲ୍ୟରେ ନୂତନ ଭାବେ ଲାଗୁ ହୋଇଥିବା ଟ୍ରାଫିକ ନିୟମ ଉପରେ ସଚେତନତା ରାଲି ଓ ସଭାର ଆୟୋଜନ କରାଯାଇଥିଲା। ଏଥିରେ ରାମଗିରିର ୩ ମହାବିଦ୍ୟାଳୟ ଓ ହାଇସ୍କୁଲର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଆର.ଉଦୟଗିରି ଏସଡିପିଓ ଅଶୋକ କୁମାର ମହାନ୍ତି, ମହେନ୍ଦ୍ରଗିରି ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରିୟଦର୍ଶିନୀ ପଟ୍ଟନାୟକ, ଆଇଆଇସି ମମତା ନାୟକ, ସୁବଲଡ଼ା ସରପଞ୍ଚ ତାପସ ରଇତ ଓ ତବାରସିଂ ପଞ୍ଚାୟତର ସମିତିସଭ୍ୟ ଗୋପାଳ କୃଷ୍ଣ ଦଳାଇ ପ୍ରମୁଖ ମଞ୍ଚାସୀନ ଥିଲେ। ହେଲମେଟ ବ୍ୟବହାର କରିବା ସହ ଗାଡ଼ି ଚଳାଇବା ବେଳେ ମଦ୍ୟପାନ ନ କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥିସହିତ ନୂତନ ଭାବେ ଲାଗୁ କରାଯାଇଥିବା ନିୟମ ଉଲ୍ଲଂଘନ କଲେ କେତେ ପରିମାଣରେ ଟଙ୍କା ଦେବାକୁ ପଡ଼ିବ ନିୟମାବଳୀ କାଗଜ ଲୋକମାନଙ୍କୁ ବଣ୍ଟନ କରିଥିଲେ।

### ଚନ୍ଦ୍ରଶେଖର ହାଇସ୍କୁଲରେ ଏକକ ଅଭିନୟର ବାର୍ତ୍ତା

**କବିସୂର୍ଯ୍ୟନଗର, ୧୮।୯-** କବିସୂର୍ଯ୍ୟନଗର ଏନ୍‌ଏସିସ୍ଥିତ ଚନ୍ଦ୍ରଶେଖର ହାଇସ୍କୁଲ ପରିସରରେ ପ୍ରଖ୍ୟାତ କଳାକାର ସୀତାରାମ ଚୌଧୁରୀଙ୍କ ଏକକ ଅଭିନୟ ପିଲାଙ୍କ ହୃଦୟକୁ ଛୁଇଁଥିଲା। ସାମାଜିକ କଳଙ୍କ, ବ୍ୟାଧି, ଅତ୍ୟାଚାର, ସମସ୍ୟା ସମେତ ସାମାଜିକ ବନୀକରଣ, ସ୍ୱଚ୍ଛତା, ଶିକ୍ଷା ଆଦି ବହୁ ଉପାଦେୟ ସଚେତନତା ବାର୍ତ୍ତା ଅଭିନୟ ମାଧ୍ୟମରେ ପିଲାଙ୍କୁ ଦେଇଥିଲେ। ପ୍ରଧାନ ଶିକ୍ଷକ ମିହିର କୁମାର ଶତପଥୀଙ୍କ ତତ୍ତ୍ୱାବଧାନରେ ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

### ଜାତୀୟ ପୁଷ୍ଟିକର ଖାଦ୍ୟ ମାସ ଅବସରରେ ସଚେତନତା ସଭା

**ଦିଗପହଣ୍ଡି, ୧୮।୯(ଡି.ଏନ.ଏ.)-** ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଦିଗପହଣ୍ଡି କାର୍ଯ୍ୟାଳୟ ପକ୍ଷରୁ ଦିଗପହଣ୍ଡି ରାଜମାତା ବିଦ୍ୟାଳୟ ପରିସରରେ ଜାତୀୟ ପୁଷ୍ଟିକର ଖାଦ୍ୟ ମାସ ଅବସରରେ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସିଡିପିଓ ଯଶୋବନ୍ତୀ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଦିଗପହଣ୍ଡି ବିଡିଓ ହଳଧର ଶବର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ, ସହକାରୀ ଯନ୍ତ୍ରୀ ଗଙ୍ଗାଧର ଲେଙ୍କା, ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆ, ଆଇନଜୀବୀ ହରପ୍ରସାଦ ରଥ, ଗୋଷ୍ଠୀ ସାଧନ କର୍ମୀ ଉପେନ୍ଦ୍ର ପଣ୍ଡା, ଶିକ୍ଷୟିତ୍ରୀ ସିଏଚ୍.ରତ୍ନମାଳା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିଶୁମାନଙ୍କୁ ଅପପୁଷ୍ଟି ରୋଗ କବଳରୁ ରକ୍ଷା କରିବା, ସେମାନଙ୍କୁ ପୁଷ୍ଟିକର ଖାଦ୍ୟ ପ୍ରଦାନ ନିମନ୍ତେ ସଚେତନତା ଉଦ୍ଦେଶ୍ୟରେ ଏହି ସଭା ହୋଇଥିଲା। ପରେ କର୍ମୀଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଦିଗପହଣ୍ଡି ସେକ୍ଟର ଅଙ୍ଗନୱାଡ଼ି ସୁପରଭାଇଜର ମନୀଷାରାଣୀ ପଟ୍ଟନାୟକ, ଇନ୍ଦିରା ମହାପାତ୍ର, ଭାରତୀ ବ୍ରହ୍ମାଙ୍କ ସମେତ ବହୁ ଅଙ୍ଗନୱାଡ଼ି କର୍ମୀ ସହଯୋଗ କରିଥିଲେ।

### କୃଷକ ଗୋଷ୍ଠୀ ଗଠନ ବୈଠକ

**ଭଞ୍ଜନଗର, ୧୮।୯(ଡି.ଏନ୍.ଏ.)-** ଭଞ୍ଜନଗର କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ମଙ୍ଗଳବାର ଚାରାରୋପଣ ସହ କୃଷକ ଗୋଷ୍ଠୀ ଗଠନ ଉପରେ ଏକ ସଭା ହୋଇଥିଲା। ଏଥିରେ ବରିଷ୍ଠ ବୈଜ୍ଞାନିକ ଡ଼. ସ୍ୱାଗତିକା ସାହୁ ଅଧ୍ୟକ୍ଷତା କରିଥିଲେ। ଭଞ୍ଜନଗର କୃଷି ଜିଲା ଅଧିକାରୀ ଅର୍ଜୁନ ବିଷୋୟୀ, ଏସିଏଫ୍ ସୁଦର୍ଶନ ବାଦୀ, ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶକ କେ. ସୁଦର୍ଶନ ଅତିଥି ଭାବେ ଯୋଗ ଦେଇଥିଲେ। କୃଷକମାନଙ୍କ ବିକାଶ ପାଇଁ ୧୦ରୁ ୧୫ ଜଣ ସଭ୍ୟଙ୍କୁ ନେଇ କୃଷକ ଗୋଷ୍ଠୀ ଗଠନ କରାଯାଉଛି। ଏହାର ମୂଳ ଲକ୍ଷ୍ୟ ଚାଷୀମାନଙ୍କ ସମସ୍ୟାର ସମାଧାନ ସହ ସରକାରଙ୍କ ଯୋଜନା ସେମାନଙ୍କ ପାଖରେ କିପରି ପହଞ୍ଚିବ। ତେଣୁ ଏଥିପ୍ରତି ଚାଷୀମାନେ ସଚେତନ ହେବାକୁ ପଡ଼ିବ। ବୈଜ୍ଞାନିକ ଡ. ସନ୍ତୋଷ କୁମାର ସାମନ୍ତରାୟ ତାଲିମଦାତା ଭାବେ ଯୋଗଦେଇଥିବାବେଳେ ବୈଜ୍ଞାନିକ ପ୍ରଶାନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ■ ଦିଗପହଣ୍ଡିରେ ବାଚସ୍ପତି, ଏମ୍‌ପିଙ୍କୁ ବିପୁଳ ସମ୍ବର୍ଦ୍ଧନା

# ବିଭିନ୍ନ ପ୍ରକଳ୍ପର ଉଦଘାଟନ, ଶିଳାନ୍ୟାସ

### ଭତ୍ତା ଓ କାର୍ଯ୍ୟାଦେଶ ବାଣ୍ଟିଲେ

**ଦିଗପହଣ୍ଡି, ୧୮।୯(ଡି.ଏନ.ଏ.)**

ଦିଗପହଣ୍ଡିରେ ବୁଧବାର ସ୍ଥାନୀୟ ବିଧାୟକ ତଥା ବାଚସ୍ପତି ଡ଼. ସୂର୍ଯ୍ୟ ନାରାୟଣ ପାତ୍ର ଓ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସହର ଉପକଣ୍ଠ ପଥପାର୍ଶ୍ୱ ସେବାକେନ୍ଦ୍ର ସମ୍ମୁଖରୁ ବିଶାଳ ବାଇକ୍ ଶୋଭାଯାତ୍ରାରେ ଉଭୟଙ୍କୁ ଦଳୀୟ କର୍ମୀମାନେ ବ୍ଲକ କାର୍ଯ୍ୟାଳୟ ପରିସରକୁ ନେଇଥିଲେ । ସେଠାରେ ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବ୍ଲକ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ, ବିଡିଓ ହଳଧର ଶବର, ସହକାରୀ ଯନ୍ତ୍ରୀ ଗଙ୍ଗାଧର ଲେଙ୍କା, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ଡ଼ାକୁଆ ପ୍ରମୁଖ ମଞ୍ଚାସୀନ ଥିଲେ। ସଭାରେ ବାଚସ୍ପତି ରାଜ୍ୟର ସମସ୍ତ ଗରିବଙ୍କୁ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଶାସନିକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପରେ ସେ ବ୍ଲକ ଓ ଏନ୍‌ଏସିର ୫୬୦ ହିତାଧିକାରୀଙ୍କୁ ଭତ୍ତା ଓ ୪୬୭ ଜଣ ହିତାଧିକାରୀଙ୍କୁ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରିଥିଲେ । ପରେ ଉଭୟ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ପହଞ୍ଚି ଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ବିଶୁଦ୍ଧ ପାନୀୟ ଜଳ ମେସିନ ଉଦ୍‌ଘାଟନ କରିଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶିଶିରକୁମାର ଦାସଙ୍କୁ ବିଦ୍ୟାଳୟର ଅସୁବିଧା ପଚାରି ବୁଝିଥିଲେ। କାର୍ଯ୍ୟକ୍ରମରେ ହୃଦୟ ରଞ୍ଜନ ମେକାପ, ପ୍ରଦୀପ୍ତ କୁମାର ପଟ୍ଟନାୟକ, ସରପଞ୍ଚ ବି. କ୍ରିଷ୍ଣାରାଓ ସୁବୁଦ୍ଧି ପ୍ରମୁଖ ସମସ୍ତ ସରପଞ୍ଚ, ସମିତିସଭ୍ୟଙ୍କୁ ଅତିଥିଦ୍ୱୟ ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ପୂର୍ବରୁ ଅତିଥିଦ୍ୱୟ କୋଟିନଡ଼ା ଗ୍ରାମ ଛକସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନବନିର୍ମିତ ରାତ୍ରୀ ହଷ୍ଟେଲ କୋଠାକୁ ଉଦ୍‌ଘାଟନ କରିଥିଲେ। ଗଣିଆନାଳ ଛକ ନିକଟ ଡ଼ଙ୍କାରି-ଚଢ଼େୟା ଗରଦ ଗ୍ରାମ ପ୍ରଧାନମନ୍ତ୍ରୀ ସଡ଼କ ପ୍ରକଳ୍ପ ରାସ୍ତା, ଗୋକର୍ଣ୍ଣପୁର ଗ୍ରାମରେ ସୋଲାର ପାନୀୟ ଜଳ ପ୍ରକଳ୍ପ, ଦଳିତ ସାହିରେ ନବନିର୍ମିତ ଅଙ୍ଗନୱାଡ଼ି କେନ୍ଦ୍ର କୋଠା ଉଦ୍‌ଘାଟନ କରିଥିଲେ। ପଞ୍ଚାୟତସ୍ତରୀୟ ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମରେ ଅତିଥିଦ୍ୱୟ ଯୋଗଦେଇ ସିଡିପିଓ ଯଶୋବନ୍ତୀ ସାହୁଙ୍କ ସଂଯୋଜନାରେ ହୋଇଥିବା ପୁରସ୍କାର ବିତରଣ ସଭାରେ ଉପସ୍ଥିତ କନ୍ୟା ସନ୍ତାନର ମା'ମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଅନଙ୍ଗପୁର ଗ୍ରାମରେ ଅତିଥିଦ୍ୱୟ ପହଞ୍ଚି ଗ୍ରାମ୍ୟ କୋଠଘର ଓ ନବନିର୍ମିତ ଅଙ୍ଗନୱାଡ଼ି କୋଠାର ଶୁଭ ଉଦ୍‌ଘାଟନ କରିଥିଲେ।



ଶୋଭାଯାତ୍ରାରେ ବାଚସ୍ପତି ଓ ଏମ୍‌ପି।

### ଧରାକୋଟ ତହସିଲଦାରଙ୍କୁ ସମ୍ବର୍ଦ୍ଧନା

**ଧରାକୋଟ, ୧୮।୯(ଡି.ଏନ.ଏ.)**

ଧରାକୋଟ ତହସିଲଦାର ଗଦାଧର ପାତ୍ରଙ୍କୁ କୁକୁଡ଼ାଖଣ୍ଡି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଛି। ତାଙ୍କ ସ୍ଥାନରେ ସୋରଡ଼ା ତହସିଲର ଅତିରିକ୍ତ ତହସିଲଦାର କୁରେଶ ଚନ୍ଦ୍ର ଜାନୀଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରି ଧରାକୋଟ ତହସିଲରେ ଅବସ୍ଥାପିତ କରାଯାଇଛି। ମଙ୍ଗଳବାର ଧରାକୋଟ ତହସିଲ କାର୍ଯ୍ୟାଳୟରେ ତହସିଲଦାର ପାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିବାବେଳେ ନୂତନ ଦାୟିତ୍ୱ ନେଇଥିବା ଅତିରିକ୍ତ ତହସିଲଦାର ଜାନୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ତହସିଲ କର୍ମଚାରୀଙ୍କ ତରଫରୁ ଦିଆଯାଇଥିଲା। ସୌଜନ୍ୟମୂଳକ ସାକ୍ଷାତବେଳେ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର କହିଛନ୍ତି ତହସିଲ ଅନ୍ତର୍ଗତ ସମସ୍ତ ଜନତାଙ୍କୁ ରାଜସ୍ୱ ସମ୍ବନ୍ଧୀୟ ସେବା ସୁଚାରୁ ରୂପେ ଯୋଗାଇ ଦିଆଯିବ।

## ମା' ମାଣିକେଶ୍ୱରୀ ଯାତ୍ରା ଆରମ୍ଭ



ମା'ଙ୍କ ଯାତ୍ରା ନିମନ୍ତେ ବାଲି ଅଣାଯାଉଥିବାର ଦୃଶ୍ୟ।

**ଆର.ଉଦୟଗିରି, ୧୮।୯(ଡି.ଏନ.ଏ.)**

ଆର.ଉଦୟଗିରି ଅଞ୍ଚଳର ମା' ମାଣିକେଶ୍ୱରୀ ଠାକୁରାଣୀ ଯାତ୍ରା ସୋମବାରରୁ ଆରମ୍ଭ ହୋଇଯାଇଛି। ଏହା ୧୨ ଦିନ ଧରି ଚାଲିବ। ରବିବାର ଅଞ୍ଚଳବାସୀ ନୂଆଖାଇ ପର୍ବ ପାଳନ କରିଥିଲେ। ମନସ୍କାମନା ପୂର୍ଣ୍ଣ ହେବା ବିଶ୍ୱାସରେ ସାଧକ ପୂଜକ ଓ ଶ୍ରଦ୍ଧାଳୁମାନେ ମାଣିକେଶ୍ୱରୀ ଠାକୁରାଣୀ ଯାତ୍ରା ଅବସରରେ ନିଆଁରେ ଚାଲିବାର ପରମ୍ପରା ରହିଛି। ଏହି ଯାତ୍ରାରେ ଗଜପତି, ଗଞ୍ଜାମ, କନ୍ଧମାଳ, ରାୟଗଡ଼ା ଜିଲାର ବହୁ ଭକ୍ତଙ୍କ ସମାଗମ ହେଉଛି। ସେଠାକାର ପରମ୍ପରା ଅନୁଯାୟୀ ନିକଟସ୍ଥ କାଳିଆ ତୋଟା ନଦୀରୁ ୨ ନୂଆ ଟାଟରେ ଠାକୁରାଣୀ ସାଧକ ବାଲି ଆଣିବା ପରେ ଯାତ୍ରା ଆରମ୍ଭ ହୋଇଛି। ଅଣାଯାଇଥିବା ନଦୀ ବାଲିକୁ ଶସ୍ୟ ପକାଇ ଗଜା କରାଯିବ। ବଡ଼ ଉପାସ ଦିନ କରତ ଖଣ୍ଡାରେ ବସିବେ ଏବଂ ନିଃସନ୍ତାନ ମହିଳାଙ୍କୁ ସାଧକ ବରଦାନ କରିବେ।

## ଶୁଣିଲାନି ପ୍ରଶାସନ: ହୁଡ଼ା ବାନ୍ଧିଲେ ଗାଁ ଲୋକେ

**ହିଞ୍ଜିଳିକାଟୁ, ୧୮।୯(ଡି.ଏନ୍.ଏ)**

ପ୍ରାୟ ୩ଶହ ଏକର ଚାଷ ଜମିରେ ବର୍ଷା ପାଣି ପଶି ଫସଲ ପଚି ନଷ୍ଟ ହୋଇଛି। ନାଳର ମରାମତି ପାଇଁ ପ୍ରଶାସନ ନିକଟରେ ଚାଷୀ ଓ ଗ୍ରାମବାସୀ ଦାବି କଲେ ମଧ୍ୟ କିଛି ସୁଫଳ ମିଳିଲା ନାହିଁ। ତେଣୁ ଗାଁ ଲୋକେ ମେଳି ବାନ୍ଧି ନାଳରେ ହୁଡ଼ା ତିଆରି କରିଛନ୍ତି। ଏହା ଦେଖିବାକୁ ମିଳିଛି ହିଞ୍ଜିଳିକାଟୁ ବ୍ଲକ ଶାସନଆମ୍ବଗାଁ ପଞ୍ଚାୟତର ବାଦିଆମ୍ବଗାଁରେ। ନାଳରେ ଥିବା ବର୍ଷା ପାଣିରୁ ଫସଲକୁ ରକ୍ଷା ପାଇଁ ଲୋକେ ସୋମବାରରୁ ୨ଦିନ ଧରି ବାଲି ବସ୍ତା ରଖି ପ୍ରାୟ ୧୦ମିଟରର ଉଚ୍ଚର ହୁଡ଼ା ତିଆରି କରିଛନ୍ତି। ବାଡ଼ିଆମ୍ବଗାଁ ଦେଇ ଯାଇଥିବା କରମଙ୍ଗା ନାଳର ବାମ ପାର୍ଶ୍ୱର ମାଟି ହୁଡ଼ା ବିଭିନ୍ନ ସ୍ଥାନରେ ଧସେଇ ହୋଇଯାଇଛି। ଚଳିତ ଲଘୁଚାପ ବର୍ଷାରେ ଏହି ହୁଡ଼ା ଭାଙ୍ଗି ଯିବାରୁ ବର୍ଷା ପାଣି ନିକଟରେ ଥିବା ପ୍ରାୟ ୩୮୫ଏକର ଚାଷ ଜମିରେ ପଶିଥିଲା। ଦୀର୍ଘ ଦିନ ଧରି ଜମିରୁ ପାଣି ନିଷ୍କାସନ ହୋଇ ନ ପାରିବାରୁ ବ୍ୟାପକ ଫସଲ ନଷ୍ଟ ହେବାରେ ଲାଗିଛି। ତେଣୁ ଜିଲା ରଷିକୁଲ୍ୟା ରୟତ ମହାସଂଘ ସଭାପତି ବିଶ୍ୱାଳଙ୍କ ସହ ଗ୍ରାମରବାସୀ ଉକ୍ତ ହୁଡ଼ା ନିର୍ମାଣରେ ସହଯୋଗ କରିଥିଲେ।

ପ୍ରକାଶ ଯେ, ୨୦୧୪ରୁ ଉକ୍ତ ନାଳ ନିର୍ମାଣ ଦାୟିତ୍ୱ ବ୍ରହ୍ମପୁର ଡ୍ରେନେଜ ବିଭାଗ ନେଇଥିଲା। ଏଥିରେ ପ୍ରାୟ ୧କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଛି। କିନ୍ତୁ ନିର୍ମାଣର ପରେ ନାଳର ବହୁ ସ୍ଥାନରେ ମାଟି ଧସେଇ ହୋଇଯାଇଥିବା ଲୋକେ ଅଭିଯୋଗ କରିଛନ୍ତି। ମରାମତି ଅଭାବରୁ ବନ୍ୟା ପାଣି ଚାଷ ଜମିରେ ପଶି ନଷ୍ଟ କରୁଛି। ଶୀଘ୍ର ସରକାର ଏହାର ସ୍ଥାୟୀ ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଡ୍ରେନେଜ ବିଭାଗର ସହକାରୀ ଯନ୍ତ୍ରୀ ଅରୁଣ କୁମାର ପାତ୍ରଙ୍କୁ ପଚାରିବାରୁ ଗ୍ରାମବାସୀ ବାଲି ବସ୍ତା ପକାଇ ହୁଡ଼ା ବାନ୍ଧିବା ଖବର ପାଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ସ୍ଥିତି ନିରୀକ୍ଷଣ ପାଇଁ ପଠାଇଥିବା କହିଛନ୍ତି। ଲଗାଣ ବର୍ଷାରେ ନାଳରେ ପ୍ରଚୁର ପାଣି ଥିବା ହେତୁ ମାଟି ହୁଡ଼ା ନଷ୍ଟ ହୋଇଛି। ଗ୍ରାମବାସୀଙ୍କ ସହ କଥାବାର୍ତ୍ତା ହୋଇଛି। ବର୍ଷାଦିନ ପରେ ମରାମତି କରାଯିବ ବୋଲି ଯନ୍ତ୍ରୀ ପାତ୍ର କହିଛନ୍ତି।



ଗ୍ରାମବାସୀଙ୍କ ଦ୍ୱାରା ବାଲି ବସ୍ତା ପକାଇ ହୁଡ଼ା ନିର୍ମାଣ କରାଯାଉଛି।

## ଖୋର୍ଦ୍ଧା, ଗଞ୍ଜାମ ଜିଲା କୈବର୍ତ୍ତ ମହାସଂଘ ବୈଠକ

**ଗଞ୍ଜାମ, ୧୮।୯(ଡି.ଏନ.ଏ.)**

ଖୋର୍ଦ୍ଧା ଓ ଗଞ୍ଜାମ ଜିଲା କୈବର୍ତ୍ତ ମହାସଂଘ ବୈଠକ ପୁରୁଷୋତ୍ତମପୁରସ୍ଥିତ କୈବର୍ତ୍ତ ଭବନଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଉଭୟ ଜିଲା କୈବର୍ତ୍ତ ସଂଘ ସଭାପତି ସନାତନ ବେହେରା ଅଧ୍ୟକ୍ଷତା କରିଥିଲେ। ବୈଠକରେ ଝିଅ ଓ ପୁଅ ମଧ୍ୟରେ ଥିବା ସମସ୍ୟା ଉପରେ ଆଲୋଚନା ହୋଇଥିଲା। ପ୍ରାରମ୍ଭରେ ଗତ ବୈଠକର ବିବରଣୀ ପଠନ କରାଯାଇ ସଂଗଠନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଉପସଭାପତି ତ୍ରିନାଥ ବେହେରା, ସମ୍ପାଦକ ଶରତ ଚନ୍ଦ୍ର ବେହେରା, ପୁଷ୍ପରଞ୍ଜନ ବେହେରା, ରାଜଶ୍ରୀ ବେହେରା, କବିରାଜ ବେହେରା, ଗୋବିନ୍ଦ ବେହେରା, ଶିକ୍ଷକ ଗୋପାଳ ବେହେରାଙ୍କ ସମେତ ବିଭିନ୍ନ ତାଲୁକାର ଗ୍ରାମ୍ୟ ମୁଖ୍ୟ ଓ ଭଦ୍ରବ୍ୟକ୍ତି ଉପସ୍ଥିତ ଥିଲେ।



ବୈଠକରେ ସଂଘ କର୍ମକର୍ତ୍ତା।

### କ୍ଲଷ୍ଟର ସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ

**କବିସୂର୍ଯ୍ୟନଗର, ୧୮।୯**

କବିସୂର୍ଯ୍ୟନଗରର ବ୍ଲକ ଗୁଡ଼ିଆଳି କ୍ଲଷ୍ଟରର ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ ଟିଏଲ୍‌ଏମ୍‌ପି (ତାମୁଲୁ ଲକ୍ଷ୍ମୀ ନାରାୟଣ ପାତ୍ର) ହାଇସ୍କୁଲରେ ଅନୁଷ୍ଠିତ ହୋଇଛି। ଏଥିରେ ୧୨ ବିଦ୍ୟାଳୟ ଭାଗ ନେଇଥିଲେ । ଅବସର ପ୍ରାପ୍ତ ଶିକ୍ଷକ ରାମଚନ୍ଦ୍ର ଦୋରା ଉଦ୍‌ଘାଟନ କରିବା ସହ ଶିକ୍ଷକ ଦୟାନିଧି ଦୋରା, ରମେଶ ଚନ୍ଦ୍ର ସ୍ୱାଇଁ, ରବୀନ୍ଦ୍ରନାଥ ମିଶ୍ର, କିରଣ ରଥ ପ୍ରମୁଖ ଶିକ୍ଷଣ ସାମଗ୍ରୀର ମୂଲ୍ୟାଙ୍କନ କରି ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଭାଗନେବା ପାଇଁ ମନୋନୀତ କରିଥିଲେ। ଗୁଡ଼ିଆଳି ସରପଞ୍ଚ ପରିଚାଳନାରେ ସହଯୋଗ କରିଥିଲେ।

## ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମ



କନ୍ୟା ସନ୍ତାନ ଓ ମା'ମାନଙ୍କୁ ମୁଖ୍ୟ ଅତିଥି ମାନପତ୍ର ଦେଉଛନ୍ତି।

**ପାଟପୁର, ୧୮।୯(ଡି.ଏନ.ଏ.)**

ସାନଖେମୁଣ୍ଡି ବ୍ଲକ ପୋଡ଼ାମାରୀ ଗ୍ରାମରେ ପଞ୍ଚାୟତ ସ୍ତରୀୟ ମୋ ଗେହ୍ଲା ଝିଅ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ସାନଖେମୁଣ୍ଡି ସିଡିପିଓ ସୁରେଖା ସୁନ୍ଦରୀ ମଲିକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପରେ ପୋଡାମାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀମାନଙ୍କ ନେତୃତ୍ୱରେ ଏକ ସଚେତନତା ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଗ୍ରାମପଞ୍ଚାୟତ ପରିସରରେ ପହଞ୍ଚିଥିଲେ। ଜିଲାରେ ଝିଅଙ୍କ ସଂଖ୍ୟା ହ୍ରାସ ପାଉଛି। ଫଳରେ ଜିଲା ପ୍ରଶାସନ ପକ୍ଷରୁ କନ୍ୟାରତ୍ନ ସୁରକ୍ଷା ପାଇଁ ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ସିଡିପିଓ କହିଛନ୍ତି। କନ୍ୟା ସନ୍ତାନ ଓ ତାଙ୍କ ମା' ମାନଙ୍କୁ ସମ୍ମାନିତ କରି ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିବିରରେ ୩୦ରୁ ଊର୍ଦ୍ଧ୍ୱ କନ୍ୟାଙ୍କ ମା, ସ୍ୱୟଂସହାୟକ ଗୋଷ୍ଠୀ, ସମସ୍ତ ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ ମୋ ଗେହ୍ଲାଝିଅ କାର୍ଯ୍ୟକ୍ରମ

**ଖଲ୍ଲିକୋଟ, ୧୮।୯(ଡି.ଏନ.ଏ.)**

ଖଲ୍ଲିକୋଟ ବ୍ଲକ କନକା ପଞ୍ଚାୟତର ସମୟନାସି ଗ୍ରାମରେ ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲା ପରିଷଦ ଅଧ୍ୟକ୍ଷା ସୋନମ ପଲେଇଙ୍କ ପୌରୋହିତ୍ୟରେ ହୋଇଥିବା କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଖଲ୍ଲିକୋଟ ବିଡିଓ ନବକୃଷ୍ଣ ଜେନା, ତହସିଲଦାର ଚିତ୍ତରଞ୍ଜନ ମହାନ୍ତ, ସିଡିପିଓ ମମତାରାଣୀ ପାତ୍ର ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ୨ଜଣ ଗେହ୍ଲା ଝିଅଙ୍କୁ ଜିଲାପାଳ ଟଙ୍କା ଏବଂ ଚାରା ପ୍ରଦାନ କରିଥିଲେ। ପ୍ରଶାସନ ପକ୍ଷରୁ ପୋଷାକ, ମିଷ୍ଟାନ ଦିଆଯାଇଥିଲା। ପରେ ଆସ୍କା ଏମ୍‌ପି ପ୍ରମିଳା ବିଶୋଇ ଏହି କାର୍ଯ୍ୟକ୍ରମରେ ପହଞ୍ଚିଥିଲେ । ବ୍ଲକର ଶ୍ରୀକୃଷ୍ଣଶରଣପୁର ପଞ୍ଚାୟତରେ ବିଡିଓ ନବକୃଷ୍ଣ ଜେନା ଉପସ୍ଥିତ ରହି ଜଣେ ଗେହ୍ଲା ଝିଅଙ୍କୁ ପୋଷାକ, ପ୍ରଦାନ କରିଥିଲେ। ଖଲ୍ଲିକୋଟ ବ୍ଲକର ପ୍ରତି ପଞ୍ଚାୟତରେ ଏହି ଗେହ୍ଲା ଝିଅ କାର୍ଯ୍ୟକ୍ରମ ହୋଇଛି।



ଜିଲାପାଳ ଓ ସିଡିପିଓଙ୍କ ଉପସ୍ଥିତିରେ ଗେହ୍ଲା ଝିଅଙ୍କୁ ଉପହାର ପ୍ରଦାନ କରାଯାଉଛି।

## କବିସୂର୍ଯ୍ୟନଗର ମେଡିକାଲର ସିସି ଟିଭି ଅଚଳ

### ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ

**କବିସୂର୍ଯ୍ୟନଗର, ୧୮।୯**

କବିସୂର୍ଯ୍ୟନଗରରେ ଶିକ୍ଷା ଓ ସ୍ୱାସ୍ଥ୍ୟ, ଗମନାଗମନ ଓ ବସ୍‌ଷ୍ଟାଣ୍ଡ, ଶୌଚାଳୟ, ସ୍ଥାୟୀ ପୋଷ୍ଟ ଅଫିସ ଓ ସ୍ଥାୟୀ କୋର୍ଟ ସମେତ ବହୁ ସମସ୍ୟା ଦେଖାଦେଇଛି। ଏକମାତ୍ର ଇନଚାର୍ଜ ଡାକ୍ତର ଏବଂ ଫାର୍ମାସିଷ୍ଟଙ୍କ ଭରସାରେ ଚାଲିଛି ସ୍ୱାସ୍ଥ୍ୟକେନ୍ଦ୍ର। ଫଳରେ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ୧ ବର୍ଷ ପୂର୍ବେ ମେଡିକାଲରେ ହେଉଥିବା ବିଭିନ୍ନ କାର୍ଯ୍ୟ ଉପରେ ନଜର ରଖିବା ଓ ମେଡିସିନ ଷ୍ଟୋରକୁ ଦଲାଲଙ୍କ କବଳରୁ ମୁକ୍ତ କରିବା ପାଇଁ ୧୬ଟି ସିସି ଟିଭି କ୍ୟାମେରା ମେଡିକାଲର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଲାଗିଥିଲା। ଜଣେ ଔଷଧ ଦୋକାନୀ ମେଡିକାଲ ଉତ୍ତର ପାର୍ଶ୍ୱ କାନ୍ଥ ଭାଙ୍ଗି ଷ୍ଟେନଲେସ୍‌ଷ୍ଟିଲ ମୁଭିଂ ଗେଟ୍‌ଲଗାଇ ବିଭିନ୍ନ ଅନୈତିକ କାର୍ଯ୍ୟ ଚଳାଇଥିଲେ। ଏଥିସହ ମେଡିକାଲ ବିଦ୍ୟୁତ୍‌ରେ ନିଜ ଦୋକାନକୁ ସଂଯୋଗ କରି ବିଦ୍ୟୁତ୍ ବଲ୍‌ବ (୧୦୦ ୱାଟ) ଲଗାଇଥିବା ଇନଚାର୍ଜଙ୍କ ନିକଟରେ ଅଭିଯୋଗ ହୋଇଛି। ଦଲାଲ ରୋଗୀଙ୍କ ଅନିଚ୍ଛା ସତ୍ତ୍ୱେ ଟାଣି ନେଇ ବିଭିନ୍ନ ପରୀକ୍ଷା ନିରୀକ୍ଷା କରିବା ସହ ନିମ୍ନମାନର ଔଷଧ ମଧ୍ୟ ବିକ୍ରି କରୁଥିବା ବାରମ୍ବାର ଅଭିଯୋଗ ହେଉଛି। ବେନିୟମ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ, ମୁଭିଂ ଗେଟ୍ ଉଠାଯାଇ କାନ୍ଥ କରିବା ସହ ସିସି ଟିଭି ଶୀଘ୍ର ସକ୍ରିୟ କରାଯିବ ବୋଲି ସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଶାନ୍ତ କୁମାର କହିଛନ୍ତି। ଖୁବଶୀଘ୍ର ସମସ୍ୟାର ସମାଧାନ ନ ହେଲେ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କହିଛନ୍ତି।




ଅଚଳ ହୋଇ ପଡ଼ିଥିବା ସିସି ଟିଭି।



ଷ୍ଟେନଲେସ୍ ଷ୍ଟିଲ ମୁଭିଂ ଗେଟ୍।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ଗୁରୁବାର, ସେପ୍ଟେମ୍ବର ୧୯/୨୦୧୯ Berhampur, Thursday, September 19/ 2019

## ସଂକ୍ଷେପରେ

### ଗୃହ ନିର୍ମାଣ ନିଗମ ଅଧ୍ୟକ୍ଷଙ୍କୁ ଭେଟିଲେ ପୂର୍ବତନ ଏମ୍‌ପି ପ୍ରତିନିଧି

ଗଞ୍ଜାମ,୧୮।୯(ଡି.ଏନ.ଏ.) ଛତ୍ରପୁର ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବା ଓଡ଼ିଶା ଗୃହ ନିର୍ମାଣ ନିଗମର ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ରଙ୍କୁ ପୂର୍ବତନ ଏମ୍‌ପି ପ୍ରତିନିଧି ସୁଧୀର କୁମାର ପାଢ଼ୀ ଭେଟି ସମ୍ବର୍ଦ୍ଧନା ଜଣାଇଛନ୍ତି। ଏଥିରେ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ଗଞ୍ଜାମ ବ୍ଲକ ଓ ଏନ୍‌ଏସି ଅଞ୍ଚଳରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଲୋକଙ୍କଠାରେ ପହଞ୍ଚାଇବା ପାଇଁ ଅଧ୍ୟକ୍ଷ ମିଶ୍ର ପରାମର୍ଶ ଦେଇଥିଲେ। ଯୁବ ସଂଗଠନକୁ ସୁଦୃଢ଼ କରିବା ପାଇଁ ଏହି ଅବସରରେ ସେ ଆହ୍ୱାନ ଦେଇଥିଲେ। ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ସମୟରେ ମନୋଜ କୁମାର ପ୍ରଧାନ, ମଦନ ପାଢ଼ୀ, ସିଲୁ ଦାସ, ପପୁ ପଣ୍ଡା, ଟୁକୁନା ପଲାଇ ପ୍ରମୁଖ ଉପସ୍ଥିତ ଥିଲେ ।

### ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଭତ୍ତା ବାଣ୍ଟିଲା ପ୍ରଶାସନ

ଜଗନ୍ନାଥପ୍ରସାଦ,୧୮।୯(ଡି.ଏନ.ଏ.)- ଜଗନ୍ନାଥପ୍ରସାଦ ବ୍ଲକର କ୍ଷେତମୁଣ୍ଡଳୀ ପଞ୍ଚାୟତରେ ବୁଧବାର ୨୪ଜଣ ହିତାଧିକାରୀଙ୍କୁ ୨୦୧୮-୨୦୧୯ ଅଗଷ୍ଟ ପର୍ଯ୍ୟନ୍ତ ଭତ୍ତା ପ୍ରଦାନ କରାଯାଇଛି। ଉକ୍ତ ପଞ୍ଚାୟତରେ ପ୍ରଥମ ଥର ଲାଗି ଭାଜପା କର୍ମୀ ନୀଳାଞ୍ଚଳ ଖିଲାର (ଓକିଲ ) ୨୦୧୭ ନିର୍ବାଚନରେ ସରପଞ୍ଚ ପଦରେ ବିଜୟ ହୋଇଥିଲେ। ଏହି ପଞ୍ଚାୟତରେ ଗ୍ରାମସଭାରେ ଚୟନ ବିଭିନ୍ନ କାମ ସହ ଅଞ୍ଚଳର ୨୪ ଜଣ ବୃଦ୍ଧା ବୃଦ୍ଧ, ବିଧବା ହିତାଧିକାରୀଙ୍କୁ ଭତ୍ତା ମିଳି ନ ଥିଲା। ଏ ନେଇ ବହୁବାର ତତ୍କାଳୀନ ବିଡିଓ, ଉପଜିଲାପାଳ, ଜିଲାପାଳଙ୍କୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳିନଥିଲା। ଆବେଦନ ଖାରଜ ହେବା ପରେ ଏ ନେଇ ଓଡ଼ିଶା ହାଇକୋର୍ଟରେ ୧୯୨୦୧/୨୦୧୮ରେ ସମ୍ବିଧାନ ଧାରା ଅନୁସାରେ ୨୨୬ ଏବଂ ୨୨୭ ପ୍ରକୃତ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ ପାଇଁ ନୀଳାଞ୍ଚଳ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଗତ ଜାନୁୟାରୀ ୧୧ରେ ଏ ସମ୍ପର୍କରେ ଗଞ୍ଜାମ ଜିଲାପାଳଙ୍କୁ ୮ ସପ୍ତାହ ମଧ୍ୟରେ ଭତ୍ତା ଲିଷ୍ଟରେ ନାମ ପଞ୍ଜୀକରଣ ହେବାକୁ ନିର୍ଦ୍ଦେଶ ଦେଇଥିଲେ। ବୁଧବାର ବ୍ଲକରେ ବିଡିଓ ଅଶୋକ କୁମାର ବେହୁରିଆ କ୍ଷେତମୁଣ୍ଡଳୀ ଗ୍ରାମପଞ୍ଚାୟତର ୨୪ଜଣ ହିତାଧିକାରୀଙ୍କୁ ଭତ୍ତା ବାଣ୍ଟନ କରିଥିଲେ।

# ଗୁଣି ସନ୍ଦେହରେ ଯୁବକଙ୍କୁ ଗାଁ ଦାଣ୍ଡରେ ହତ୍ୟା

**କବିସୂର୍ଯ୍ୟନଗର,୧୮।୯**

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ମୋରାବାଇ ଗାଁରେ ଜଣେ ଯୁବକଙ୍କୁ ମଙ୍ଗଳବାର ହତ୍ୟା କରାଯାଇଛି। ମୃତକ ହେଲେ ସେହି ଗାଁର ବନମାଳୀ ସ୍ୱାଇଁ (୪୮)। ଗୁଣି ସନ୍ଦେହରେ ତାଙ୍କୁ ସଂଘବଦ୍ଧ ଭାବେ ହତ୍ୟା କରାଯାଇଥିବା ପୋଲିସ କହିଛି। ମୃତକଙ୍କ ପୁଅ ଏନେଇ କବିସୂର୍ଯ୍ୟନଗର ଥାନାରେ ଅଭିଯୋଗ କରିଛନ୍ତି।

ପୋଲିସ ସୂତ୍ରରୁ ପ୍ରକାଶ ଯେ, ଗ୍ରାମର ଜଣେ ମହିଳା କିଡ୍‌ନୀ ରୋଗୀରେ ଆକ୍ରାନ୍ତ ଥିଲେ। ବହୁ ଚିକିତ୍ସା ପରେ ଭଲ ନ ହେବାରୁ ଗୁଣିଗାରେଡି ଯୋଗୁ ଏଭଳି ହେଉଥିବା ତାଙ୍କ ସ୍ୱାମୀ ସନ୍ଦେହ କରିଥିଲେ। ସ୍ତ୍ରୀ ମଧ୍ୟ ଏଥିରେ ସହମତି ହେବା ସହ ବନମାଳୀଙ୍କ ସ୍ତ୍ରୀ ଏପରି କରୁଥିବା କହିଥିଲେ। ଏନେଇ ମଙ୍ଗଳବାର ସକାଳେ ଦୁଇ ପରିବାର ମଧ୍ୟରେ ବଚସା ହୋଇଥିଲା। ଯାହା ସନ୍ଧ୍ୟାରେ ଉଗ୍ରରୂପ ନେଇଥିଲା। ସମ୍ପୃକ୍ତ ବ୍ୟକ୍ତି ଓ ତାଙ୍କ ୨ ପୁଅ ଠେଙ୍ଗା ଓ ଲୁହାଛଡ଼ରେ ମଙ୍ଗଳବାର ରାତି ପ୍ରାୟ ୯ଟାରେ ବନମାଳୀ ଓ ତାଙ୍କ ସ୍ତ୍ରୀଙ୍କୁ ଆକ୍ରମଣ କରିଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ହିଞ୍ଜିଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ବନମାଳୀଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲ ଓ ପରେ ରାତି ପ୍ରାୟ ୩ଟାରେ କଟକ ବଡ ମେଡିକାଲ ସ୍ଥାନାନ୍ତର କରିଥିଲେ। କିନ୍ତୁ ବାଲୁଗାଁଠାରେ ପହଞ୍ଚିବାବେଳକୁ ତାଙ୍କର ମୃତ୍ୟୁ ଘଟିଥିଲା। ସେଠାରୁ ମୃତଦେହ ବ୍ରହ୍ମପୁର ଫେରାଇ ଅଣାଯାଇଥିଲା। ବ୍ୟବଚ୍ଛେଦ ପରେ ବୁଧବାର ଗାଁରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। କବିସୂର୍ଯ୍ୟନଗର ପୋଲିସ ଗାଁରେ ପହଞ୍ଚି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ତପନ କୁମାର ପତି କହିଛନ୍ତି। ମୃତ ବନମାଳୀଙ୍କ ପୁଅଙ୍କ ଅଭିଯୋଗ ପ୍ରକାରେ ନଂ.୨୨୪/୧୯ ଧାରା ୩୦୨,(୩୪)ଆଇପିସିରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଥାନା ଅଧିକାରୀ ଗୁଣିଗାରେଡିକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା କହୁଥିବାବେଳେ ପୂର୍ବ ଶତ୍ରୁତାରୁ ଏପରି ହୋଇଥିବା ଗ୍ରାମବାସୀ କହିଛନ୍ତି।

# ଜାତୀୟ ରାଜପଥରେ ଗଛ ପଡି ଯାତାୟାତ ବାଧାପ୍ରାପ୍ତ



ଗଛପଡି ରାସ୍ତା ଅବରୋଧ ହୋଇଛି।

**ଦାରିଙ୍ଗବାଡ଼ି,୧୮।୯(ଡି.ଏନ୍.ଏ.)**

ଗୋପାଳପୁର ଠାରୁ ବ୍ରହ୍ମପୁର- ଦାରିଙ୍ଗବାଡ଼ି ଦେଇ ରାୟପୁରକୁ ସଂଯୋଗ କରୁଥିବା ଜାତୀୟ ରାଜପଥ ନଂ.୫୯ରେ ସମ୍ପ୍ରସାରଣ କାମ ଚାଲିଛି। ରାସ୍ତା ସମ୍ପ୍ରସାରଣ ପାଇଁ ରାସ୍ତା ପାର୍ଶ୍ୱରେ ଥିବା ଶହଶହ ଗଛ କଟାଯାଉଥିବାବେଳେ ବିଭନ୍ନ ସମୟରେ ବ୍ରିଜ ନିର୍ମାଣ କରିବା ପାଇଁ ଦିନ ଦ୍ୱିପହରରେ ଠିକାସଂସ୍ଥା ପକ୍ଷରୁ ଜାତୀୟ ରାଜପଥରେ ବେଆଇନ ପଥର ବ୍ଲାଷ୍ଟିଂ ମଧ୍ୟ କରାଯାଉଛି। ଫଳରେ ରାଜପଥରେ ଯାତାୟାତରେ ସମସ୍ୟା ଦେଖାଯାଇଛି। ବୁଧବାର ରାସ୍ତା ସମ୍ପ୍ରସାରଣ ପାଇଁ ଶ୍ରାନିକେତା ପଞ୍ଚାୟତ ଦଣ୍ଡିମାହା ଗ୍ରାମ ମୁଖ୍ୟ ଛକରେ ଥିବା ଏକ ଗଛକୁ ବନବିଭାଗର କର୍ପୋରେଶନ ସଂସ୍ଥା ଦ୍ୱାରା କଟାଯାଉଥିବାବେଳେ ଗଛଟି ରାସ୍ତା ଉପରେ ପଡ଼ିଥିଲା। ଫଳରେ ଯାତାୟାତ ବନ୍ଦ ହୋଇଯାଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଯାନବାହନ ଅଟକି ରହିଥିଲା। ଏନେଇ ରାସ୍ତା ସମ୍ପ୍ରସାରଣ କରୁଥିବା ଠିକା ସଂସ୍ଥା ଏବଂ ଗଛ କାଟୁଥିବା କର୍ପୋରେଶନ ବିରୋଧରେ ଅଞ୍ଚଳବସୀଙ୍କ ମଧ୍ୟରେ ଅସନ୍ତୋଷ ଦାନା ବାନ୍ଧୁଛି। କାମ କରାଯିବା ପୂର୍ବରୁ ସୂଚନା ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# କନ୍ଧୁଣୀ ଦେବୀ ମହୋତ୍ସବ ଉଦ୍‌ଘାଟିତ



ଆସିକା ଏମ୍‌ପି ପ୍ରମିଳା ବିଷୋୟୀ ଉଦ୍‌ଘାଟନ କରୁଛନ୍ତି।

**ସୋରଡ଼ା,୧୮।୯(ଡି.ଏନ୍.ଏ.)**

ଗଞ୍ଜାମ ପ୍ରସିଦ୍ଧ ମା' କନ୍ଧୁଣୀ ଦେବୀ ମହୋତ୍ସବ ବୁଧବାର ସନ୍ଧ୍ୟାରେ ରଥପଦା ଅସ୍ଥାୟୀ ମଣ୍ଡପଠାରେ ଉଦ୍‌ଘାଟିତ ହୋଇଯାଇଛି। କମିଟି ସଭାପତି ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, ଆଦିବାସୀ ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା, ଆସିକା ଏମ୍‌ପି ପ୍ରମିଳା ବିଷୋୟୀ, ଗୋପାଳପୁର ବିଧାୟକ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ଦୁର୍ଗାଚରଣ ଶତପଥୀ ବିବରଣୀ ପାଠ କରିଥିଲେ। କଳା ସଂସ୍କୃତିର ଅଞ୍ଚଳ ସର୍ବଦା ଗୌରବମୟ ବୋଲି ମନ୍ତ୍ରୀମାନେ କହିଥିଲେ। ମହୋତ୍ସବ ଭାବ ବିନିମୟ ତଥା ବିଭିନ୍ନ ପ୍ରକାର କଳା ଆଦାନପ୍ରଦାନର ପରିଚୟ ସୃଷ୍ଟି କରିବା ସହ ସମାଜକୁ ଏକାଠି କରିଥାଏ ବୋଲି ମଞ୍ଚାସିନ ଅତିଥିମାନେ କହିଥିଲେ। କୋଷାଧ୍ୟକ୍ଷ ପ୍ରମୋଦ ଅଧିକାରୀ, ଉପସଭାପତି କୈଳାସ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ। ସଭାପରେ ସମ୍ବଲପୁରୀ ଗାୟକ ମଣ୍ଟୁ ଛୁରିଆଙ୍କ ମେଲୋଡିରେ ମତୁଆଲା ହୋଇଥିଲେ ଦର୍ଶକ।

## ବିଦେଶୀ ମଦ ଜବତ, ଜଣେ ଗିରଫ

ପାଟପୁର,୧୮।୯(ଡି.ଏନ.ଏ.)
ପାଟପୁର ପୋଲିସ ସୋମବାର ରାତିରେ କଂସମାରୀ ଗ୍ରାମରୁ ୧୪ ଲିଟର ବିଦେଶୀ ମଦ ଜବତ କରିବା ସହ ଜଣକୁ ଗିରଫ କରିଛି। ସେ ହେଲେ ଉକ୍ତ ଗ୍ରାମର ଶାନ୍ତନୁ ବିଷୋୟୀ। ଶାନ୍ତନୁ ବହୁ ଦିନ ଧରି ଗ୍ରାମରେ ଥିବା ତାଙ୍କ ତେଜରାତି ଦୋକାନରେ ବିଦେଶୀ ମଦ ବିକ୍ରି କରୁଥିଲେ। ଖବର ପାଇ ପୋଲିସ ସେଠାରେ ଚଢ଼ାଉ କରି ୪୬ ବିଦେଶୀ ମଦ ବୋତଲ ଜବତ କରିଥିଲା। ଏ ନେଇ ନଂ.୧୮୩/୧୯ରେ ମାମଲା ରୁଜୁ କରାଯାଇ ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ଦିଗପହଣ୍ଡି ସବ୍‌ଜେଲକୁ ପଠାଯାଇଛି।

## ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କ ଅଭିଭାବକଙ୍କ ତାଲିମ ଶିବିର

**ହାତୀଓଟ,୧୮।୯**
ପୋଲସରା ବ୍ଲକ ହାତୀଓଟ ନୋଡ଼ାଲ ହାଇସ୍କୁଲରେ ବାଲିଛାଇ, ହାତୀଓଟ, ରୁମାଗଡ଼, ଜକର ଓ ଘୋଡ଼ାପଲାଣ ପରି ୭ ସ୍କୁଲର ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କୁ ନେଇ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ସ୍କୁଲର ପ୍ରଧାନ ଶିକ୍ଷକ ଉମାକାନ୍ତ ଦାଶ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପୋଲସରା ଗୋଷ୍ଠୀ ଶିକ୍ଷାଧିକାରୀ ତ୍ରିଲୋଚନ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷାଧିକାରୀ ବାଳକୃଷ୍ଣ ପାତ୍ର ଓ ହାତୀଓଟ ସିଆର୍‌ସିସି ଜଗନ୍ନାଥ ପଣ୍ଡା ସମ୍ମାନିତ ଅତିଥି ଭାବେ ଅଂଶଗ୍ରହଣ କରିଥିଲେ।

### ନୂଆପଡ଼ା ଫାଣ୍ଡି ଇଲାକାରେ ବଢୁଛି ଚୋରି

# ପୋଲିସ ହାତ ଖାଲି

ଚିକିଟି,୧୮।୯(ଡି.ଏନ.ଏ.)- କେ.ନୂଆଗାଁ ଥାନା ନୂଆପଡା ଫାଣ୍ଡି ଇଲାକାରେ ମାସେ ମଧ୍ୟରେ ଦୁଇଟି ଘରୁ ଚୋରି ହୋଇଛି। ହେଲେ ଏବେ ସୁଦ୍ଧା ଗୋଟିଏ ହେଲେ ଘଟଣାରେ ଲୁଟେରାଙ୍କ ପାଖରେ ପହଞ୍ଚି ପାରିନି ପୋଲିସ। ଯାହାକୁ ନେଇ ଅଞ୍ଚଳବାସୀ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ୨୫ ଅଗଷ୍ଟରେ ଗଡଗୋବିନ୍ଦପୁର ଗ୍ରାମରେ ରହୁଥିବା ଉଆଳି ବେହେରାଙ୍କ ଆଲମିରା ଭାଙ୍ଗି ଏକ ଲକ୍ଷଟଙ୍କା, ୧୦ ତୋଳା ରୁପା, ୨ ତୋଳା ସୁନା ଅଳଙ୍କାର, ଏକ ଲ୍ୟାପ୍‌ଟପ୍ ନେଇ ଲୁଟେରା ଫେରାର ହୋଇଯାଇଥିଲେ। ଅଦ୍ୟାବିଧି ସେମାନଙ୍କ ଟେର୍ ପାଉନି ପୋଲିସ। ସେହିପରି ୧୦ ସେପ୍ଟେମ୍ବରରେ ନୂଆପଡା ଗ୍ରାମର ବି.ନୂଆପଡାରେ ରହୁଥିବା ଡି. ବାବୁଙ୍କ ଘର ବାରିପଟୁ କବାଟ ଭାଙ୍ଗି ଲକ୍ଷାଧିକ ଟଙ୍କାର ଅଳଙ୍କାର ଓ ଟଙ୍କା ଲୁଟ୍ ହୋଇଥିଲା। ଏଯାଏ ଏହି ଘଟଣାରେ ପୋଲିସକୁ ସଫଳତା ମିଳିନାହିଁ। ସୂଚନାଯୋଗ୍ୟ ୧୧ ଜୁଲାଇ ୨୦୧୭ରେ ନୂଆପଡା ଗ୍ରାମର ନିଲାମ ଛକରେ ରହୁଥିବା ସି.ଏଚ୍. ସୀମାଞ୍ଚଳ ପାତ୍ରଙ୍କ ବାରିପଟ ଗ୍ରୀଲ୍ ଭାଙ୍ଗି ୫୦ ହଜାର ଟଙ୍କା, ଚେନ୍, ମୁଦି, ୬ ଭରି ଓଜନର ଅଳଙ୍କାର ଏବଂ ଏଟିଏମ୍ ଲୁଟି ନେଇଥିଲେ ଦୁର୍ବୃତ୍ତ। ସେହି ଗ୍ରାମର ବି.ନୂଆପଡାର ଏସ୍. ରାମୟାଙ୍କ ଘରେ ପଶି ଲୁଟେରା ତାଙ୍କ ଝିଅ ପିନ୍ଧିଥିବା ୪ ଭରି ଓଜନର ଅଳଙ୍କାର ଲୁଟି ନେଇଥିଲେ। ଘଟଣାକୁ ୨ବର୍ଷ ବିତିଯାଇଥିଲେ ସୁଦ୍ଧା ଲୁଟେରାଙ୍କ ଟେର୍ ପାଉନି ପୋଲିସ। ବିଭାଗୀୟ ଉଚ୍ଚ ଅଧିକାରୀ ଏଥିରେ ହସ୍ତକ୍ଷେପ କରି ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ଲୁଟେରାଙ୍କୁ ଧରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଚିକିଟି ଏସ୍‌ଡିପିଓ ସୁରେନ୍ଦ୍ରନାଥ ମୁର୍ମୁଙ୍କ ସହ ଯୋଗାଯୋଗବେଳେ ଉକ୍ତ ଘଟଣା ଉପରେ ନଜର ରଖିଛୁ ଏବଂ ତଦନ୍ତ ମଧ୍ୟ ଚାଲୁରହିଛି । ଲୁଟେରାମାନଙ୍କୁ କାବୁ କରିବା ପାଇଁ ଉଦ୍ୟମ ଜାରି ରହିଥିବା ସେ କହିଛନ୍ତି।

### ଏଟିଏମ୍‌ରୁ ୧୭ ଲକ୍ଷ ଟଙ୍କା ହଡ଼ପ ଘଟଣା

# ଜେଲ ଗଲେ ଅଭିଯୁକ୍ତ

**ଗଞ୍ଜାମ,୧୮।୯(ଡି.ଏନ.ଏ.)**

ଗଞ୍ଜାମ ସହରସ୍ଥିତ ଜୟଶ୍ରୀ ଏଟିଏମ୍‌ରୁ ୧୭ ଲକ୍ଷ ୫୧ ହଜାର ୫୦୦ ଟଙ୍କା ହଡ଼ପ ହୋଇଥିଲା। ଏ ନେଇ ଗତ ସେପ୍ଟେମ୍ବର ୧ରେ ଗଞ୍ଜାମ ଥାନାରେ କମ୍ପାନୀର ଅନୁପ କେଶରୀ ପଣ୍ଡା ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ନଂ. ୮୨/୧୯ ମାମଲା ରୁଜୁ କରି ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିଲା। ବୁଧବାର ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଆଇଆଇସି ସୁଦାମ ମଳିକ କହିଛନ୍ତି । ସେ ହେଲେ ଛତ୍ରପୁର ଅଞ୍ଚଳର ସତ୍ୟନାରାୟଣ ବେହେରା। ପ୍ରକାଶ ଯେ, ଭାରତୀୟ ଷ୍ଟେଟ ବ୍ୟାଙ୍କ ଏଟିଏମ୍‌ଗୁଡ଼ିକରେ ଟଙ୍କା ଭର୍ତ୍ତି ପାଇଁ ସିକ୍ୟୁରଭେଲ୍ୟୁ ଲିମିଟେଡ଼ (ବ୍ରହ୍ମପୁର) ଏକ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା। ଅଭିଯୁକ୍ତ ସତ୍ୟ ଉକ୍ତ ସଂସ୍ଥାର ଜଣେ କର୍ମଚାରୀ ବୋଲି ଥାନା ପୋଲିସ ପକ୍ଷରୁ କୁହାଯାଇଛି।

### ମେଡିକାଲ ଭ୍ୟାନ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ ଘଟଣା

# ଗାଡ଼ି ଚାଳକ ଗିରଫ

**ଦିଗପହଣ୍ଡି,୧୮।୯(ଡି.ଏନ.ଏ.)**

ଗଞ୍ଜାମ ଜିଲା କେ.ନୂଆଗାଁ ପୋଲିସ ବୁଧବାର ବ୍ରହ୍ମପୁର ଟାଉନ ଥାନା ତୁଳସୀ ନଗର ଅଞ୍ଚଳର ଗାଡ଼ି ଚାଳକ ରାମଚନ୍ଦ୍ର ମହାନ୍ତିଙ୍କୁ ଗିରଫ କରି ସନ୍ଧ୍ୟାରେ କୋର୍ଟଚାଲାଣ କରିଛି। ଗତ ଜୁଲାଇ ୨୦ ତାରିଖ ପୂର୍ବାହ୍ନରେ ଦିଗପହଣ୍ଡି-ଚିକିଟି ମୁଖ୍ୟରାସ୍ତାର ମା' ରତ୍ନେଶ୍ୱରୀ ମନ୍ଦିର ନିକଟରେ ସରକାରୀ ମେଡିକାଲ ଭ୍ୟାନ ଧକ୍କାରେ ଚିକିଟିପେଣ୍ଠ ଜେନା ଗାଁର ବୁଦ୍ଧୁ ଓରଫ ଗୁଡ୍ଡୁ ବେହେରା ଏବଂ ସାକିଲ ଖାନ ଗୁରୁତର ହୋଇଥିଲେ। ସେ ଦୁହିଁଙ୍କୁ ପ୍ରଥମେ ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଘଟଣାର ପରଦିନ ଗୁଡୁଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା । ମୃତକଙ୍କ ସ୍ତ୍ରୀ ସବିତାଙ୍କ ଏତଲା କ୍ରମେ କେ.ନୂଆଗାଁ ପୋଲିସ ନଂ. ୧୪୫/୧୯ରେ ଗାଡ଼ି ଚାଳକଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ପୋଲିସ ଏଏସ୍‌ଆଇ ପଦ୍ମଚରଣ ପାଣିଗ୍ରାହୀ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

## ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ସେବା ସପ୍ତାହ ପାଳିତ

**କନିଷି,୧୮।୯(ଡି.ଏନ.ଏ.)**
ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିବସ ଅବସରରେ ମଙ୍ଗଳବାର ଗୋଳନ୍ଥରା ଥାନା କେଲୁଆପଲ୍ଲୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ସେବା ସପ୍ତାହ ପାଳିତ ହୋଇଯାଇଛି। ଦେଶର ବିଭିନ୍ନ କୋଣ ଅନୁକୋଣରେ ୧୪ ରୁ ୨୦ ତାରିଖ ପର୍ଯ୍ୟନ୍ତ ଭାଜପା କର୍ମୀମାନେ ସେବା ସପ୍ତାହ ପାଳନ କରୁଛନ୍ତି। ଗଞ୍ଜାମ ଜିଲା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ଶୁଭାଷିଶ ସାହୁଙ୍କ ନେତୃତ୍ୱରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ କର୍ମୀ କେଲୁଆପଲ୍ଲୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କୁ ଫଳ ବଣ୍ଟନ କରିବା ସହ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ । ରାଜ୍ୟ ସେବା ସପ୍ତାହର ସଂଯୋଜକ ମହେଶ ମହାନ୍ତି, ରାଜ୍ୟ ଭାଜପା ସାଧାରଣ ସମ୍ପାଦକ ବିଭୂତି ଭୂଷଣ ଜେନା ଉପସ୍ଥିତ ଥିଲେ। ବୁଧବାର ରକ୍ତଦାନ ଶିବିର ଆୟୋଜନ ହେବ ବୋଲି କହିଥିଲେ । ରାଜ୍ୟ ସମ୍ପାଦକ ଜେନା ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନ ଥିବା ଦେଖି ଉଦ୍‌ବେଗ ପ୍ରକାଶ କରିଥିଲେ। ଏଥିରେ ବରିଷ୍ଠ ନେତା ରାଜେଶ ସାହୁ, ରାଜା ରାଓ, ଜିତୁ ପାତ୍ର, ସନତ କୁମାର ନାୟକଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ ।









2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ